AMARISATYA
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

❖ ଦ୍ୱିତୀୟ ବର୍ଷ

❖ ଷଷ୍ଠ ସଂଖ୍ୟା

❖ ଜୁନ ୨୦୨୩



OPEN

Home Delivery
available

# TASTY DOTS

## MORE FOOD, MORE LIFE



TANDOOR



BIRYANI



CHINESE



INDIAN

VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar

# ଆମ କବିତା

ଦ୍ୱିତୀୟ ବର୍ଷ ❖ ଷଷ୍ଠ ସଂଖ୍ୟା ❖ ଜୁନ ୨୦୨୩


**ମାର୍ଗଦର୍ଶକ**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

**ସମ୍ପାଦକ**

**ନିଶିକାନ୍ତ କହଲସିଂହ**

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଜେନା

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ



AMARISATYA ଆମରି ସତ୍ୟ Estd.: 2006 ODISHA

ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

# ସମ୍ପାଦକୀୟ





ବାପା........
ଏମିତି ଜଣେ ମଣିଷ
ଜନ୍ମ ହେବାଦିନ
ଯାହାଙ୍କର ନାଆଁ ଲୋଡ଼ାପଡ଼େ
ଆଉ ମରିବା ଦିନ ବି..........
ସେଇ ନାଆଁଟି ବିନା
ଜନ୍ମ ପ୍ରମାଣଶୂନ୍ୟ........
ଆଉ ମରଣ ବି....... ।

ବାପା.........
ପିଲାଦିନେ ଚାନ୍ଦ ତୋଳିବାକୁ
ଲୋଡ଼ାପଡୁଥିବା କାନ୍ଧଟିଏ........
ଜୀବନର ଗୀତ
ଗୁଣୁଗୁଣେଇବାକୁ
ଏକ ଅପରୂପ ଛନ୍ଦଟିଏ ........ ।

ବାପା.........
ସୁଖରେ ହେଉକି ଦୁଃଖରେ
ଲୁହ ଢାଳିବାକୁ
ସଦା ପ୍ରସ୍ତୁତ ଆଖିଟିଏ.......,
ଜୀବନର ଭଲମନ୍ଦ
ହାନିଲାଭରେ
ଚିର ଜାଗ୍ରତ ସାକ୍ଷୀଟିଏ........ ।

ବାପା.........
ଅବାଟରୁ ବାଟକୁ
ଭିଡ଼ିନେଉଥିବା
ଦୀର୍ଘ କୋମଳ ହାତଟିଏ........,
ଅଘାଟରୁ ଘାଟକୁ
ଭାସିଯାଉଥିବା
ଜୀବନ ନାଆର କାତଟିଏ......... ।

ବାପା.........
ପୁଅକୁ ହାରିବାକୁ
ଦେଉନଥିବା ମନଟିଏ.......,
ଝିଅକୁ ଝୁରିବାକୁ
ଦେଉନଥିବା ଧନଟିଏ......... ।

ବାପା.........
ଏମିତି ମଣିଷ ଜଣେ,
ବଢ଼ିଲା ଛୁଆଙ୍କୁ ଯାହାଙ୍କ ଆକଟ
ବିଷ ଭଳି ଲାଗେ........,
ବୟସ ଗଡ଼ିଗଲା ପରେ
ଯାହାଙ୍କ ଉପସ୍ଥିତି
ସମସ୍ତଙ୍କୁ ବୋଝ ଭଳି ଲାଗେ....... ।

ତଥାପି.......,ବାପାଙ୍କ କାମନା
ସବୁରି ମଙ୍ଗଳ ଛଡ଼ା
କିଛି ହିଁ ହୋଇନଥାଏ..........,
ସେଥିପାଇଁ ..... ..... ......
ଦୁଃଖର ଝାଞ୍ଜିରେ ବୁଢ଼ା ବରଗଛ ଛାଇ.......
ସ୍ନେହର ଉଛୁଳା ନଈ.......
କ୍ଷମାର ସୀମାହୀନ ସାଗର.......
ସ୍ୱପ୍ନର ସୁନୀଳ ବିସ୍ତୀର୍ଣ୍ଣ ଆକାଶ......
ଘରର ଦାନ୍ତି କବାଟ.......
ଏମିତି......ଯେତେ ଯାହା କହ ପଛେ
ବାପାଙ୍କ ପାଇଁ ନିଅଣ୍ଟ ପଡ଼େ
ଶବ୍ଦ........ଶବ୍ଦର ଭଣ୍ଡାର........ ।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଚଳନ୍ତି ଦେବତା : ବାପା | ରମେଶ ମଙ୍ଗରାଜ | ୭ |
| ୨. | ବାପାଙ୍କ ଅନୁପସ୍ଥିତିରେ | କମଳିନୀ ମଲ୍ଲିକ | ୮ |
| ୩. | ବାପା | ଅମୀୟ କୁମାର ସାହୁ | ୯ |
| ୪. | ବାପା | ରଞ୍ଜିତା ମିଶ୍ର | ୧୦ |
| ୫ | ବାପା | ପ୍ରଜ୍ଞା ମହାନ୍ତି | ୧୧ |
| ୬. | ବାପା ଓ ବୈଷ୍ଣବ ଜନକୋ... | ମନୋଜ ମିଶ୍ର | ୧୨ |
| ୭. | ବାପା... | ସବିତା ମହାପାତ୍ର | ୧୩ |
| ୮. | ମୋ ବାପା... | ଜ୍ୟୋସ୍ନା ମହାନ୍ତି | ୧୪ |
| ୯. | ବାପା | ଜୟନ୍ତୀ ସ୍ୱାଇଁ | ୧୫ |
| ୧୦. | ବାପା | ତାରାପ୍ରସାଦ ଜେନା | ୧୬ |
| ୧୧. | ବାପା... | ଅଞ୍ଜଳି ଦାସ | ୧୭ |
| ୧୨. | ମୋ' ବାପା | ଡା. ବିଧୁତ୍ ଶେଖର ମିଶ୍ର | ୧୮ |
| ୧୩. | ବାପା | ଚିତ୍ତରଞ୍ଜନ ପୃଷ୍ଟି | ୧୯ |
| ୧୪. | ବାପା | ଶୈଳେନ୍ଦ୍ର ନାରାୟଣ ବେହେରା | ୨୦ |
| ୧୫. | ବାପା | ଲିପିକା ମହାପାତ୍ର | ୨୧ |
| ୧୬. | ବାପା | ବିନୟ ମିଶ୍ର | ୨୨ |
| ୧୭. | ବାପା ମୋ' ବାପା | ସୁମିତା ବେହେରା ବାପି | ୨୩ |
| ୧୮. | ବାପା | କାଳିପ୍ରସାଦ ମହାପାତ୍ର | ୨୪ |
| ୧୯. | ବାପା | ସୁରେଶ ଚନ୍ଦ୍ର ରଥ | ୨୫ |
| ୨୦. | ବାପା | କାହ୍ନୁ ଚରଣ ମିଶ୍ର | ୨୬ |
| ୨୧. | ବାପା | ଅଶେଷ ଲୋଚନ ଆଚାର୍ଯ୍ୟ | ୨୭ |
| ୨୨. | ବାପା | ଯମୁନା ମହାପାତ୍ର ମିଶ୍ର | ୨୮ |
| ୨୩. | ସିଏ ଥିଲେ ବାପା ମୋ'ର | ସୁଷମା ଲେଙ୍କା | ୨୯ |
| ୨୪. | ପିତା ହିଁ ପରମ ତପ | ସନ୍ତୋଷ କୁମାର ପଣ୍ଡା | ୩୦ |
| ୨୫. | ବାପାଙ୍କୁ ଚିଠି | ନଳିନୀ ପ୍ରଭା ଦାସ | ୩୧ |
| ୨୬. | ବାପା | ଜ୍ୟୋତି ପ୍ରଭା ପଟ୍ଟନାୟକ | ୩୨ |
| ୨୭. | ବାପା | ନଳିନୀ ପ୍ରଭା ମିଶ୍ର | ୩୩ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ମୋ' ବାପା | ବାସନ୍ତୀ ଦେଇ | ୩୪ |
| ୨୯. | ଅମୃତାୟନ | ଆରତି ମଞ୍ଜରୀ ଦାଶ | ୩୫ |
| ୩୦. | ବାପା | ସୌଦାମିନୀ ସାହୁ | ୩୬ |
| ୩୧. | ବାପା | ନିରୁପମା ପାଣି | ୩୭ |
| ୩୨. | ବାପା | ସୁହଂସ ଭୋଇ | ୩୮ |
| ୩୩. | ବାପା | ଅଖିଳେଶ ମହାପାତ୍ର | ୩୯ |
| ୩୪. | ବାପା | ରମେଶ ଚନ୍ଦ୍ର ମିଶ୍ର | ୪୦ |
| ୩୫. | ସୃଷ୍ଟିର ଷଠିଘର : ବାପା | ସୁକାନ୍ତି ମିଶ୍ର | ୪୧ |
| ୩୬. | ବାପା | ବେଣୁଧର ସୂତାର | ୪୨ |
| ୩୭. | ବାପା | ରବିନାରାୟଣ ମଙ୍ଗରାଜ | ୪୩ |
| ୩୮. | ବାପା | ଆରାଧନା ଦାଶ | ୪୪ |
| ୩୯. | ବାପା | ଶୁଭଶ୍ରୀ ରାଉତ | ୪୫ |
| ୪୦. | ବାପାଙ୍କ ପାଦ | ଡ. ସୁଚିତ୍ରା ରଥ | ୪୬ |
| ୪୧. | ମୋ' ବାପା ଈଶ୍ୱର | ସତ୍ୟ ନାରାୟଣ ମଲ୍ଲିକ | ୪୭ |
| ୪୨. | ବାପା | ହାସ୍ୟମୟୀ ରାଜ୍ | ୪୮ |
| ୪୩. | ମୋ' ନନାଙ୍କ ନନା (ବାପା) | ବିଭୁପ୍ରସାଦ ମହାପାତ୍ର | ୪୯ |
| ୪୪. | ସିଏ ମୋ'ର ବାପା | ଜୟଶ୍ରୀ ପଟ୍ଟନାୟକ | ୫୦ |
| ୪୫. | ବାପା ହେବାର ଯୋଗ୍ୟତା | ଯମେଶ୍ୱର କହଲସିଂହ | ୫୧ |
| ୪୬. | ବାପା | ତ୍ରିଲୋଚନ ଦାସ | ୫୨ |
| ୪୭. | ବାପା | ଜବାହରଲାଲ ସୁବୁଦ୍ଧି | ୫୩ |
| ୪୮. | ବରଗଛ | ପୂର୍ଣ୍ଣ ଦାସ | ୫୪ |
| ୪୯. | ବାପା, ଜୀବନ ପଣ | ଆଶୁତୋଷ ମେହେର | ୫୫ |

# ଚଳନ୍ତି ଦେବତା : ବାପା



**ରମେଶ ମଙ୍ଗରାଜ**

ବାପା ବୋଲି ଥରେ ତୁଣ୍ଡରେ ଧରିଲେ
ମୁଣ୍ଡ ଯାଇଥାଏ ନଇଁ
ବାପା ପରା ଆମ ଚଳନ୍ତି ଦେବତା
ତାଙ୍କ ଭଳି କେହି ନାହିଁ ।।୦।।

ବାପା ଥିଲା ପୁଅ ସଭାରେ ହାରେନା
ଏପରି ରହିଛି କଥା
ବାପା ଡାକିଦେଲେ ଆଶୀଷ ଝରଇ
ହଟିଯାଏ ଭବ ବ୍ୟଥା
ବାପାଙ୍କର ଋଣ ଶୁଝିବା ପାଇଁକି
ଶକତି ଆମର କାଇଁ ? ।।୧।।
ବାପା ବୋଲି ଥରେ....।।

ମାଆ ପରା ଆମ ଧରିତ୍ରୀ ସମାନ
ଅସୀମ ଆକାଶ ବାପା
ଜହ୍ନ ପରି ବୋଉ ଶୀତଳ ପରଶେ
ସୂର୍ଯ୍ୟ ଭଳି ବାପା ତୋଫା
ବାପା ପରା ଆମ ଚିର ପୂଜ୍ୟନୀୟ
ଜନ୍ମ ଜନ୍ମାନ୍ତର ପାଇଁ ।।୨।।
ବାପା ବୋଲି ଥରେ....।।

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା

# ବାପାଙ୍କ ଅନୁପସ୍ଥିତିରେ

କମଳିନୀ ମଲ୍ଲିକ

ଦୁନିଆ ଦାଣ୍ଡରେ
କେତେ ଏମିତି ହାତ ଧରି
ଚଲେଇବା ଶିଖେଇଥିଲ ଯେ
କହିଲ,ଏଥର ନିଜ ଗୋଡ଼ରେ
ନିଜେ ଠିଆ ହୁଅ
ଶବ୍ଦର ପୃଥିବୀରୁ କେତେ ଏମିତି
କଥା କହିବା ଶିଖେଇଥିଲ ଯେ
କହିଲ, ସତ କଥା କହିବାକୁ
କେବେ କରିବନି ଭୟ।।

ବାସ୍,ଏତିକିରେ ହିଁ ଚାଲିଗଲ
ଆଉ ପଚାରି ବୁଝିଲନି
ଆମେ ସତ କହି ହାରିଛୁ ନା ଜିତିଛୁ
ନିଜ ଗୋଡ଼ରେ ଠିଆ ହୋଇ
ପାହାଡ଼ ଚଢ଼ିଛୁ ନା
ପାଦ ତଳର ଫଟା ମାଟିରେ
ଧସେଇ ପଶୁଛୁ।।

ତୁମେ ତ କହୁଥିଲ
ଜୀବନରେ କେତେ ଦୁଃଖ ଆସିବ
କେତେ ଅଭାବ କଷ୍ଟ ପଡ଼ି
ତଥାପି ଧର୍ମରେ ଥିବ
ନ୍ୟାୟରେ ଥିବ
ଈଶ୍ୱର ସାହା ହେବେ
ହେଲେ ବାପା, ଆମର ଈଶ୍ୱର ନୁହେଁ
ତୁମର ହିଁ ଲୋଡ଼ା ଥିଲା
ତୁମେ ତ ଧର୍ମ, ସ୍ୱର୍ଗ
ଓ ସବୁ ଦେବତାଙ୍କ ପ୍ରତିନିଧି
ହେତୁ ହେଲା ପରେ
ଯେବେଠୁ ଏତକ ହୃଦୟକୁ ଛୁଇଁଲା।।

ବାପାମାନେ କାଳେ ଆକାଶ ପରି
ଢାଙ୍କି ରହିଥାନ୍ତି ମଥା ଉପରେ
ଦେଖ, ଆମେ କେମିତି
ଖରାରେ ସିଝୁଛୁ
ବର୍ଷାରେ ଭିଜୁଛୁ
ଶୀତରେ ଥରୁଛୁ
କାକରରେ ଜଡ଼ ପାଲଟୁଛୁ
ଆଉ ତୁମ ଆଶ୍ରା ଟିକ ପାଇଁ
ଯେବେ ବି ଆକାଶକୁ ଚାହିଁଲେ
ଭେଳା ଭେଳା ଭସା ବଉଦ ଓ
ଅସଂଖ୍ୟ ତାରାଙ୍କ ଗହଣରେ
ତୁମକୁ ଖୋଜୁଛୁ॥

କେଉଁଠି ଲୁଚିଗଲ ବାପା?
ଥରେ ହେଲେ ଦେଖା ଦେଇ
ଆମକୁ ମୁକୁଳେଇ ଦିଅନ୍ତନି
ତୁମର ଯେତେ ଆଦେଶ ଉପଦେଶରୁ
ଯେତେ ଆକଟ, ଅନୁଶାସନରୁ
ଦେଖିବ, ଆମେ ବି ଉଡ଼ିବା ଶିଖିବୁ
ପାହାଡ଼ ଚଢ଼ିବୁ, ନଈ ପହଁରିବୁ
କେମିତି ଭାଙ୍ଗି ପୁଣି ଗଢ଼ାଯାଏ
ସେ କଳା ବି ଆୟତ୍ତ କରିବୁ
ତୁମ ଅନୁପସ୍ଥିତିରେ ବି
ଆମେ ସଭାରେ ଜିତିବୁ ।

ଭୁବନେଶ୍ୱର

# ବାପା

ଅମୀୟ କୁମାର ସାହୁ

ବାପା ଏକ ମହାର୍ଘ ଚେତନା
ଏତେ ବିଶାଳ
ଏତେ ଛବିଳ ଯେ`
ଖୋଜାଚାଲିଛି ଅନନ୍ତକାଳ।
ବାପା ସଦାକାଳେ ନିରଳସ
ନିଦା ନିଟୋଳ
ଶାନ୍ତସୁନ୍ଦର
ପ୍ରାର୍ଥନାର ସ୍ୱର
ସେ ସ୍ୱର ସାମନାରେ
ନିଷ୍ପ୍ରଭ ଯେତେସବୁ
ଝଡ଼ଝଞ୍ଜା, ତୁମ୍ଭିତୋଫାନ ଭୟଙ୍କର।
ବାପାଙ୍କୁ ଜଣା ଝାଳରେ
କେମିତି ଫୁଟାଯାଏ ଫୁଲ
ରକ୍ତକୁ ପାଣିକରି ପଥର ସହ
ପଥର ହୋଇ ଯୁଝିବାର ସୂକ୍ଷ୍ମ କୌଶଳ।
ବାପା ଢିଙ୍କିଶାଳରୁ ଢେଙ୍କାନାଳର
ବିଷ୍ଣୁଶର୍ମା ତାଳପତ୍ରର ଜାତକ ପୋଥି
ଆମ ଐତିହ୍ୟର ସ୍ୱର୍ଗୀୟ ସୁଷମା।

ଉପରକୁ ପଥର ପରି ଦିଶୁଥିବା ବାପା
ଭିତରେ ଭିତରେ ଫୁଲପରି କୋମଳ,
ସ୍ନେହ କାଙ୍ଗାଳ
ଗଙ୍ଗାଜଳ ପରି ଛଳଛଳ ସ୍ୱଚ୍ଛ ନିର୍ମଳ।
ବାପାଙ୍କ ବିନା ଆଉ କିଏ
କାହିଁକି ଶିଖେଇବ
ମୁଖାପିନ୍ଧା ପିଶାଚଙ୍କଠାରୁ
ବର୍ତ୍ତିବାର କଳା
ଖୁବ୍ ସତର୍କତାର ସହ ଚିହ୍ନିବାକୁ ହୁଏ
ଧର୍ମର ଦ୍ୱାହି ଦେଇ
ଅଧର୍ମୀ କେମିତି କାଟୁଥାଏ
ସତ୍ୟ ଆଉ ଶାନ୍ତିର ଗଳା।
ବାପା !
ଆଜି ଆମ ଚଲାପଥ
ନୁହେଁ କୁସୁମିତ
ଆମେ ସବୁ କୁଳାଙ୍ଗାର
ଆଜିଯାଏଁ ଶିଖିଲୁନି
ଜୀବନକୁ ଜୀଇଁବାର ମନ୍ତ୍ର।

ବୁଢ଼ାପଡ଼ା, ଜଟଣୀ



# ବାପା

## ରଞ୍ଜିତା ମିଶ୍ର

ବା'ରେ ବାଟ ପା'ରେ ପାହାଚ
ଦୁଇଟି ଅକ୍ଷର ବାପା
ଯିଏ ଅନ୍ଧାରରେ ରହି ଆଲୁଅର
ବାଟ ଦେଖାଏ
ହାତ ଧରି ଯିଏ ପାହାଚ ଚଢ଼ିବା
ଶିଖେଇ ଦିଏ
ସେ ଠିକଣା ମୁଁ,
ଗୋଟେ ସାଧା ଲଫାପା
ବାପା ମୋ' ବାପା.....(୦)

ବାପ ଥିଲେ ପାଶେ
ବିପଦ ଆସେନା
ବାପାଙ୍କ କରଜ
ସୁଝି ତ ହୁଏନା
ଅବୁଝା ହେଲେ ଯେ
ବୁଝେଇ ଦିଅନ୍ତି
ଝଅଟ କଲେ ଯେ
କୋଳେଇ ଧରନ୍ତି
ସବୁ ଦୁଃଖକୁ ଯେ ଓଳେଇ ନିଅନ୍ତି
କେବେ ହୁଅନ୍ତିନି ଖପା
ବାପା ମୋ' ବାପା....(୧)

ମୋ' ଓଠରେ ଯିଏ
ହସ ଭରି ଦେଇ
ମୋ' ଆଖିରେ ଆଖିଏ
ସ୍ୱପ୍ନ ସଜେଇ
ବୁଝିପାରନ୍ତି ଯେ
ଛାତିତଳ ବ୍ୟଥା
ଯାହା ପାଦ ତଳେ
ନଇଁ ଯାଏ ମଥା
ଛାତିକୁ ପଥର କରି ଯେ ହସନ୍ତି
ପିଇ ନିଜ ଲୁହ ଟୋପା
ବାପା ମୋ' ବାପା....(୨)

**ବଇଣ୍ଡା, ଅନୁଗୁଳ**

# ବାପା

**ପ୍ରଜ୍ଞା ମହାନ୍ତି**



ଅହଂ ମୋ'ର
ଭୂମିରୁ ଭୂମା ପର୍ଯ୍ୟନ୍ତ
ପିନ୍ଧିପାରେ ଖୁସିକୁ
ଉତାରି ପାରେ ଦୁଃଖ
ପିଠିରେ ଚିହ୍ନା ଚିହ୍ନା ସ୍ପର୍ଶ
ଛୁଇଁବାକୁ ଚେଷ୍ଟାକଲି
ପିଠିକୁ କଣ ଛୁଇଁହୁଏ
ବାପା ପଚାରିଲେ!
ମୋ'ର 'ମୁଁ' ପଣକୁ ଥାପୁଡ଼ାଇ
ଶୁଆଇ ବି ଦେଲେ।
କହୁକହୁ କହିଗଲେ
ଜୀବନର ଆୟୁଷ
ଥାଳି ପଟେଠୁ ବି କମ୍
ତୋ' ଜେଜେ ଖାଉଥିଲେ,
ମୁଁ ଖାଉଛି, ଖାଇବୁ ବି ତୁ
ଉପର, ତଳ, ମଝି ବରଡ଼ା ଆମେ
ହେଲେ ସେ ସେମିତି ଅଛି
ମାଜିଦେଲେ ଚକ ଚକ୍
ତା' ମୁଲ୍ୟ ବୋଧେ ଅଧିକ
ଆମଠୁ ନିଶ୍ଚେ କିଛି ।
ମୁଁ ଭାବେ ମୁଁ ସ୍ୱୟଂସଂପୂର୍ଣ୍ଣ
ଯେଣୁ ବାପା ମୋ'ର ତୃତୀୟନୟନ
ସିଏ ଦୁର୍ବଳତା ହୋଇ ଅନାହତେ ନୁହେଁ,
ଶକ୍ତି ହୋଇ ସହସ୍ରାରେ ଅବସ୍ଥିତ ମୋ'ର।

ମାତୃ ନିବାସ, ମାତୃ ବିହାର,
ବୁଢ଼ାରଜା, ସମ୍ବଲପୁର

# ବାପା ଓ ବୈଷ୍ଣବ ଜନକୋ...



## ମନୋଜ ମିଶ୍ର

ଦିନେ ମୋ ପାଇଁ
ପାଞ୍ଚ ପଇସିଆ କମଳା ଚକଲେଟ
ପାଟିରେ ଚଟ କିନା ମିଳେଇ ଯାଉଥିବା
ବମ୍ବେଇ ଲଡୁ ଇତ୍ୟାଦି ଇତ୍ୟାଦି
ଓ ଏସବୁ ମୋର ହେବାର ଜିଦି
ବହୁତ ବଡ଼ ଲାଗୁଥିଲା
ବାପାଙ୍କଠୁ ବି ।

ଧୀରେ ଧୀରେ ସେମାନେ ଲୁଚିଲେ,
ଦୁରକୁ ଦୁରକୁ ଚାଲିଗଲେ
ବାପା ବହୁତ ବଡ଼ ହେଉଥିଲେ।

ମୁଁ ଦିନେ ଖୁବ ରାଗିଲି
କଣ କରିଛ ମୋ ପାଇଁ
ଭଲ ଘର କରିଛ କି
ସେ କିଛି କହିଲେନି!
ଭଲ ପ୍ୟାଣ୍ଟ ସାର୍ଟ ଦେଇଛ କି
ଚୁପ ରହିଲେ
ଭଲ ଖାଇବାକୁ ଦେଇଛ କେବେ
ନିରବ ରହିଲେ
ତା'ହେଲେ!?

ତଳକୁ ମୁହଁ ପୋତିଲେ
କୋର୍ଟରେ କେସ ହାରିଯାଇଥିବା
ଓକିଲ ପରି ।

ଦିନେ ପୁଣି କିଛି ବଡ ଲାଗିଲେ
ସବୁ ଆଣିଲି ତାଙ୍କ ପସନ୍ଦର
ବାବାଜୀ ସାହୁ ଛେନାପୋଡ଼
ପାଖ ବେହେରା ଘର ସଜ ବସାଦହି
ଅନେକ ଦିନୁ
ତାଙ୍କ କାନ ପାଖରୁ ଦୂରେଇ ଥିବା
ଫିଲିପ୍ସ ରେଡ଼ିଓ ଏମପି ଥ୍ରୀ ପ୍ଲେୟାରରେ
ଖୋଜି ଖୋଜି ବଜେଇଲି ବି
ତାଙ୍କ ଶୁଣା ଗାନ୍ଧିଜୀଙ୍କ ପ୍ରିୟ ଗୀତ
ବୈଷ୍ଣବ ଜନକୋ........

ସବୁ ସେମିତି ଥିଲା ବଡ଼ ହୋଇ
ବାପା କିନ୍ତୁ ଆକାଶ ହେଇଗଲେ
ସମସ୍ତେ କାନ୍ଦିଲେ
ମୁଁ କିନ୍ତୁ ତଉଲୁଥିଲି,
ଦେଖିଲି ବଡ଼ମାନଙ୍କୁ
ଚାହିଁଲି ଆକାଶକୁ
ବାପା........।

**ବରିଷ୍ଠ ସଂଗୀତ ନିର୍ଦ୍ଦେଶକ,**
**ନୟାହାଟ, ପୁରୀ**



# ବାପା...

**ସବିତା ମହାପାତ୍ର**

ବାପା...
ଆକାଶଠାରୁ ବିଶାଳ
ଜଳ ପରି ସ୍ୱଚ୍ଛ ନିର୍ମଳ
ପାହାଡ଼ଠାରୁ ନିଶ୍ଚଳ ଅଟଳ
ପୁଣି ପବନ ସମ ଚଳଚଞ୍ଚଳ...

ବାପା...
କରୁଣାର ସାଗର
ବଟବୃକ୍ଷ ପରି
ନିଦାଘ ଖରାରେ ଶୀତଳ ଛାଇଟିଏ
ଭୋକରେ ଆହାର
ତୃଷାରେ ଆଞ୍ଜୁଳାଏ ଜଳ
ଆଉ ଅସ୍ଥିରତାରେ ଶାନ୍ତିର ନିଦ...

ବାପା...
ବିଶ୍ୱାସ ଓ ପ୍ରତିଶ୍ରୁତିର
ଜୀବନ ସଂଗୀତ
ଅନୁଭବ ଆବେଗର
ଜୀବନ୍ତ ଅସ୍ତିତ୍ୱ...

ବାପା....
ସନ୍ତାନ ପାଇଁ
ଖଞ୍ଜା ହୋଇଥିବା ସପନ
ପିଞ୍ଜରାରେ ଚମକୁଥିବା ଆଶା
ଥକି ନପଡ଼ି ଶିଖରକୁ
ପହଞ୍ଚାଇବାର ଇଚ୍ଛା ରଖିଥିବା
ଝଟକୁଥିବା ହଳେ ଆଖି....

ବାପା....
ଭୋକିଲା ପେଟ
ଅବଶ ଦେହ
ଅସରନ୍ତି ବାଟ
ତଥାପି ହାର ନ ମାନି
ମୁଣ୍ଡେଇ ଥିବା
ସଂସାରର ବୋଝେ ବୋଝ....

ବାପା....
ମୁଣ୍ଡରୁ ତୁଣ୍ଡ ଯାଏଁ
ବୋହି ପଡୁଥିବା
ଝାଳର ସ୍ୱାକ୍ଷର
ଅସଜଡ଼ା ଘରକୁ
ସଜାଡ଼ି ଦେଉଥିବା
ଦ୍ୱିତୀୟ ଈଶ୍ୱର....

ଶେଷରେ ବାପା...
ଭଙ୍ଗା ଚଷମା
ଖଣ୍ଡିଏ ଆରାମ ଚଉକି
ବଙ୍କୁଲୀ ବାଡ଼ି
ଆଉ ନିଥର ଆଖି ଯୋଡ଼ିଏ
ଆଶ୍ରା....
ନୀରବ ବାରଣ୍ଡା
ଅବା ବୃଦ୍ଧାଶ୍ରମ....

**କବିସୂର୍ଯ୍ୟନଗର, ଗଞ୍ଜାମ**

# ମୋ ବାପା...

## ଜ୍ୟୋତ୍ସ୍ନା ମହାନ୍ତି

'ବାପା'
ଛୋଟ ଏଇ ଶବ୍ଦଟିର ଉଚ୍ଚାରଣେ
କେତେ ଆଶ୍ୱାସନା, ନିର୍ଭରତା ଆଉ
ଶାସନ, ସମ୍ଭ୍ରମ ଦେଖାଦିଏ ମନେ।
ବୈଶାଖୀ ଝାଞ୍ଜିପିଟା ଖରାବେଳେ
ଚାଲିଚାଲି ବହୁଦୂର, ମନେହୁଏ
ସତେ ଅବା ମିଳିଛି ଆଶ୍ରୟ
ନଈକୂଳ ବରଗଛ ତଳେ।
ଅବା ବଢ଼ି, ଝଡ଼ି ବରଷା ରାତିରେ
ଦୃଢ଼ ଖୁଣ୍ଟ ମଜଭୁତ ଘରଟିଏ
ଦେଇଛି ଆଶ୍ରୟ ଘେରି ଚାରିକାନ୍ଥେ।
ପୁଣି ଦିଗ୍ ବାରୁଣୀ ସ୍ତମ୍ଭ ପରି ଜାଗ୍ରତ
ସଦା ସ୍ନେହସିକ୍ତ ଦୁଇଟି ନୟନ
ନିରେଖୁଛି ଶାସନ ଭଙ୍ଗୀରେ।

ବାପା
ତମେ ଆଜି କେଉଁଠାରେ
ଅଜଣା ଅନ୍ୟ ଏକ ଜଗତରେ
ସୁଖେ ଦୁଃଖେ ଶୁଣାଯାଏ
ତମ ସ୍ନେହଭରା କଣ୍ଠ
ମା' ଭୈ, ଭଗବାନ ରହିଛନ୍ତି
ଘେରି ଚଉଦିଗେ।

ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ



# ବାପା

**ଜୟନ୍ତୀ ସ୍ୱାଇଁ**

ଆକାଶ ଠାରୁ ବିଶାଳ ଯିଏ,
ସିଏ ଆମର ବାପା
ହୃଦୟ ପ୍ରାଣ ସ୍ପନ୍ଦନ ଯିଏ
ସିଏ ଆମର ବାପା... ||
ବିପଦ ବେଳେ ରକ୍ଷକ ଯିଏ
ସିଏ ଆମର ବାପା
ବଂଚିବା କଳା ଶିଖାଏ ଯିଏ
ସିଏ ଆମର ବାପା... ||
ମନରେ ଯିଏ ସାହସ ଦିଏ,
ସିଏ ଆମର ବାପା
ବିଶ୍ୱାସ ଆଉ ଭରସାଟିଏ
ସିଏ ଆମର ବାପା... ||
ସମସ୍ୟା ଯିଏ କରଇ ଦୂର
ସିଏ ଆମର ବାପା
ବଂଚିବା ଯାଏ ଭାବେନା ପର
ସିଏ ଆମର ବାପା... ||
ପେଟକୁ ଦାନା ଯୋଗାଏ ଯିଏ,
ସିଏ ଆମର ବାପା
ଘରର ପୁରା ଦାୟିତ୍ୱ ନିଏ
ସିଏ ଆମର ବାପା... ||
ବରଗଛ ପରି ଛାଇ ଯେ ଦିଏ
ସିଏ ଆମର ବାପା
ଘରର ମେରୁଦଣ୍ଡଟି ଯିଏ
ସିଏ ଆମର ବାପା... ||
ସବୁ ଇଛାକୁ ପୂରଣ କରେ
ସିଏ ଆମର ବାପା
ସଂସାର ଯାକ ସୁଖ ଯେ ଦିଏ
ସିଏ ଆମର ବାପା.. ||
ଆଶାର ଛୋଟ ଆଲୋକ ଟିଏ
ସିଏ ଆମର ବାପା
ତେଲ ଲୁଣର ସଂସାର ଯିଏ
ସିଏ ଆମର ବାପା... ||
ଯାହାକୁ ଆମେ ପାରୁନା ବୁଝି
ସିଏ ଆମର ବାପା
ଯାହାର ଋଣ ହେବନି ଶୁଝି
ସିଏ ଆମର ବାପା... ||
ଜୀବନେ ପ୍ରିୟ ବନ୍ଧୁଟି ଯିଏ
ସିଏ ଆମର ବାପା
ସାକ୍ଷାତ ଚଳନ୍ତି ଦେବତା ଯିଏ
ସିଏ ଆମର ବାପା... ||
ଅନ୍ତରେ ସ୍ନେହ ମୁହେଁ ଆକଟ
କରନ୍ତି ଯିଏ ବାପା
ଯେଉଁ ଶବ୍ଦର ତୁଳନା ନାହିଁ
ସେହି ଶବ୍ଦଟି 'ବାପା' ||

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**



# ବାପା

ତାରାପ୍ରସାଦ ଜେନା

ଉପରକୁ ସିଏ ରାଗର ସୁରୁଜ
ଭିତରେ ଶାନ୍ତିର ଜହ୍ନ
ବଂଶ ବୁନିଆଦି ଗୁଣବତ୍ତା ସୂତ୍ରେ
ଆଲୋକ ବର୍ତ୍ତିକା ଚିହ୍ନ !

ଏଇ ପରିବାର ମହାଦ୍ରୁମ ସତେ
ଲାଳନ ପାଳନ ଛୁଆ
ଖରା ବର୍ଷା ଶୀତ ସର୍ବ ଦୁଃଖ ସହି
ବାପା ଯେ ସୁଖର ଦୁଆ !

ଆଶିଷର ସିଏ ଲମ୍ବାହାତ ଗୋଟେ
ହୃଦୟ ମୁକୁଳା ହାସ୍ୟ
ଜୀବନ ଶ୍ରେଣୀରେ ଗୁରୁ ଗଉରବ
ଶିକ୍ଷାର ପ୍ରେରଣା ଶିଷ୍ୟ !

ପୁଣ୍ୟର ମନ୍ଦିରେ ଚଳନ୍ତି ଠାକୁର
ସୁଦୟ ପ୍ରକାଶ ପ୍ରାଣ
ସତ୍ୟର ନିଷ୍ଠାରେ ନିତ୍ୟର ବନ୍ଦନା
ବିଶେଷ ଦୁର୍ଲଭ ଗୁଣ !

ଆଶ୍ୱାସର ପୁଣି ନିଃଶ୍ୱାସ ପ୍ରଶ୍ୱାସ
ଶୋଣିତ ଧାରାର ସ୍ନେହ
ପିତୃ ପୁରୁଷର ସନାତନୀ ଆସ୍ଥା
ଅଭୁଲା ସ୍ମାରକ ମୋହ !

ରଣପୁର(ଗୋଡ଼ିପାଟଣା ସାହି)
ରାଜ ରଣପୁର, ନୟାଗଡ଼



# ବାପା...

**ଅଞ୍ଜଳି ଦାସ**

ବାପା ତୁମେ......
ସୂର୍ଯ୍ୟସମ ଦିପ୍ତୀମନ୍ତ....
ଆଶିଷର ଆଲୋକବର୍ତ୍ତିକା...

ପରିବାରରେ ବୁହାଉଥାଅ
ସ୍ନେହ ପ୍ରେମ ଆଉ କରୁଣାର ଗଙ୍ଗା
ଲହୁକୁ ଇନ୍ଧନ କରି
ଜାଳିପାର ସବୁରି ଦୁଃଖକୁ....

ଯୋଜନ ଯୋଜନ ଦୂରରେ ରହି
ଯେଉଁଠାରୁ କେହି ଫେରେନାହିଁ
ପ୍ରତିଟି କଅଁଳ ସକାଳେ ଆସୁଅଛ
ଗୋଟିଏ ମୁହୂର୍ତ୍ତ ପାଇଁ
ଭିଜାଇ ଦେଇ
ପୁଣି ଚାଲିଯାଅ
ନିରୁତା ଭଲପାଇବାର
ଅମୃତ ବର୍ଷାରେ.......

ଜୀବନର ସବୁ ଆଶା
ଅନେକ ସ୍ୱପ୍ନକୁ
ସାକାର କରିବା ପାଇଁ
ଏ ଜନମ ନୁହେଁ
ଜନ୍ମ-ଜନ୍ମାନ୍ତର ପ୍ରତୀକ୍ଷା କରିବି
ତୁମ କୋଳେ ସବୁବେଳେ
ଝିଅ ହୋଇ ଜନ୍ମ ନେବା ପାଇଁ......

**ଅସ୍ତରଙ୍ଗ, ପୁରୀ**

# ମୋ’ ବାପା

**ଡା. ବିଧୂତ୍ ଶେଖର ମିଶ୍ର**



ଧରିତ୍ରୀର ବୁକୁ ବ୍ୟବଚ୍ଛେଦ କରି
ତୁମେ ଦେଖାଇଛ ନୂତନ ରାହା
ଦେଖାଇଛ ଚନ୍ଦ୍ର ସୂରୁଜ ଓ ତାରା
କି ସୁଷମା ଭରା ପ୍ରକୃତି ଆହାଃ ।।

ହାତଧରି ମତେ ଶିଖାଇଛ ଚାଲି
କାନ୍ଧେବସି ତୁମ ଦେଖିଛି ଧରା
ଦୁଃଖ ଓ କଷ୍ଟର ବିଷ ପାନ କରି
ମୋ' ପାଇଁ ଖଞ୍ଜିଛ ଅମୃତଧାରା ।।

ନିଜ ଆଖିଲୁହ ଲୁଚାଇ ଆମକୁ
ଦେଖାଇଛ ହସ ଖୁସି ଦୁନିଆଁ
ନିଜ ଜୀବନକୁ ଜଳାଞ୍ଜଳି ଦେଇ
ବାହି ଚାଲିଛ ଏ ଦଦରା ନାଆ ।।

ବଟବୃକ୍ଷ ପରି ଛାୟା ଦେଇଦେଇ
ଥୁଣ୍ଟା ବରଗଛ ପାଲଟି ଗଲ
ତୁମ ଅବଦାନ ଏ ଜୀବନେ ଆଉ
ଶୁଝିବାଟା ନୁହେଁ ସମ୍ଭବ ମୋ'ର ।।

କିଏ କହେ ତୁମେ ସବୁଜ ବନାନୀ
କିଏ ବା କହେ ଅନନ୍ତ ଆକାଶ
କିଏ କହେ ତୁମେ ଧୈର୍ଯ୍ୟର ପାହାଡ଼
ଅପ୍ରକାଶେ ତୁମେ ହୁଅ ପ୍ରକାଶ ।।

ତୁମେ ମୋ' ଆନନ୍ଦ ସଚ୍ଚିଦାନନ୍ଦ
ସୁଖ ଓ ଦୁଃଖରେ ତୁମେ ହିଁ ସାହା
ଶୂନ୍ୟତା ମଧ୍ୟେ ତୁମେ ମୋ' ପାଇଁ
ବଞ୍ଚିବାର ଏକ ସୂକ୍ଷ୍ମ ରାହା ।।

ପ୍ରଣତି ଜଣାଏ ତୁମ ପାଦ ପଦ୍ମେ
ତୁମେ ଅଟ ମୋ' ଚଳନ୍ତି ଠାକୁର
ବାୟୁ ଓ ପାଣିର ସଙ୍ଗମ ମୋ' ‘ବାପା’
ସାରା ଜଗତରେ ତୁମେ ହିଁ ସାର ।।

**ପାରଳାଖେମୁଣ୍ଡି**

# ବାପା

ଚିତ୍ତରଞ୍ଜନ ପୃଷ୍ଟି

ତୁମେ ବାପା ମୋ'ର ଚଳନ୍ତି ପ୍ରତିମା
ଦେହବହି ଭଗବାନ
ଶେଷ ନିଃଶ୍ୱାସେ ମୁଁ ସେବା କରୁଥିବି
କରୁଥିବି ଗୁଣଗାନ।

ମୋ' ମନ ମନ୍ଦିରେ ତୁମେ ମୋ' ଦେବତା
ପୂଜା ପାଉଥିବ ନିତି
ତୁମ ଆଦର୍ଶରେ ବାଟ ମୁଁ ଚାଲିବି
ରଖିଯିବି ଯଶକୀର୍ତ୍ତି।

ହାତଧରି ମୋତେ ଶିଖାଇଛ ଚାଲି
ପାଦରେ ପାଦ ମିଶାଇ
ବଞ୍ଚିବାର ରାହା ଦେଖାଇଛ ମୋତେ
ସମୟର ସାଥି ହୋଇ।

କେତେ ଗାଳିମାଡ଼ ଖାଇଛି ତୁମଠୁ
ପୁଣି କେତେ ଅପମାନ
ସେଇ ଗାଳି ଆଜି ଆଶୀର୍ବାଦ ସାଜି
ଗଢ଼ିଛି ମୋ'ର ଜୀବନ।

ତୁମ ପାଦଧୂଳି ଦେହେଦେଲେ ବୋଲି
ଦୁଃଖ ହୋଇଯାଏ ଦୂର
ତୁମ ଆଶୀର୍ବାଦ ମୋ' ସାଥିରେ ଥିଲେ
ନଥାଏ ଭୟ କି ଡର।

ସଂସାର ରଥକୁ ଆଗେଇ ନେଇଛ
ରଥର ସାରଥି ସାଜି
କେତେ ଝଡ଼ଝଞ୍ଜା କାନ୍ଧରେ ବହିଛ
ଜୀବନକୁ ରଖି ବାଜି।

ସ୍ୱର୍ଗଠାରୁ ବଡ଼ ବିଶାଳ ହୃଦୟ
ସହିଯାଅ ସବୁ ଦୁଃଖ
ପ୍ରତି ମୁହୂର୍ତ୍ତରେ ଆନନ୍ଦ ଦେଇଛ
ଭୁଲିଯାଇ ନିଜ ସୁଖ।

ତୁମେ ଥିଲେ ପାଶେ କୋଟିନିଧି ସମ
ମନରେ ନଥାଏ ଦୁଃଖ
ତୁମରି ଓଠରେ ହସ ଦେଖିଦେଲେ
ମିଳିଥାଏ ସ୍ୱର୍ଗ ସୁଖ।

ତୁମରି ଆଦର ତୁମରି ସେନେହଁ
ଅଟଇ ଅମୃତ ପରି
ତୁମରି ଆଶିଷ ସବୁଠୁ ଗରିଷ୍ଠ
କେହି ନୁହେଁ ତା'ର ସରି।

ତୁମେ ମୋ' ଅତୀତ, ତୁମେ ବର୍ତ୍ତମାନ
ତୁମେ ମୋ'ର ଭବିଷ୍ୟତ
ତୁମରି ଆଶିଷ ହୃଦୟରେ ଧରି
ଜିଣିବି ସାରାଜଗତ ।

ନିମାପଡା, ପୁରୀ

# ବାପା

## ଶୈଳେନ୍ଦ୍ର ନାରାୟଣ ବେହେରା



ବାପାଟିଏ ମୁଁ
ନିଜ ପିଲାମାନଙ୍କର କଥା ବୁଝେ
ପିଲାମାନଙ୍କ ମାଆର କଥା ବି ବୁଝେ
ଘର ପରିବାରର ସମସ୍ୟାକୁ ବୁଝେ
ସବୁ କଷ୍ଟ ସହି
ସମସ୍ତଙ୍କୁ ଖୁସି ରଖିବାର ଦାୟିତ୍ୱ ମୋର
ମୁଁ ପରା ବାପଟିଏ.....

ପିଲାଙ୍କ ଶୈଶବ...
ହାତ ଧରି ଚାଲିବା ଶିଖାଏ
ପରିବାରର ସଂସ୍କାର ବୁଝାଏ
ସନ୍ଧ୍ୟାବେଳେ କୀର୍ତ୍ତନ କରେ
ଠାକୁରଙ୍କୁ ଡାକେ
ସେ ସଂସ୍କାର ମୋ' ପିଲାମାନେ ପାଆନ୍ତୁ
ଏଇ ମନସ୍କାମନା ଠାକୁରଙ୍କୁ ଜଣାଏ
ମୁଁ ପରା ବାପଟିଏ....

ପିଲାଙ୍କ କୈଶୋର.....
ପାଠ ପଢ଼... ଭଲ କରି ପଢ଼
ପଢ଼ିଲେ ବଡ଼ଲୋକ ହେବ
ବଡ଼ ଚାକିରି କରିବ
ଭଲ ରୋଜଗାର କରିବ
ଭଲରେ ରହିବ
ପିଲାଙ୍କୁ କହେ
ମୁଁ ପରା  ବାପଟିଏ.....

ପିଲାଙ୍କ ତାରୁଣ୍ୟ...
କହେ ଦୁନିଆଟା ବହୁତ ବଡ଼
ତା'ର ପରିବ୍ୟାପ୍ତି ଅନେକ
ଚିହ୍ନିବାକୁ ସମୟ ଲାଗିବ
ବୁଝାଏ କିନ୍ତୁ କିଛି କରିପାରେନା
ସେମାନେ ପରା ବଡ଼ ହୋଇଗଲେଣି...

ଯେତେ ଅଶ୍ରୁ ଆସେ ନୟନରେ
ପିଇଯାଏ ସବୁ
ବୁନ୍ଦାଏ ନ ଛାଡ଼ି
ମୁଁ ପରା ବାପଟିଏ ।।।

ଭୁବନେଶ୍ୱର

# ବାପା

**ଲିପିକା ମହାପାତ୍ର**

ପିତା ସୃଷ୍ଟି ନିର୍ମାଣର ଅଭିବ୍ୟକ୍ତି ତ
ପୁଣି ପରିବାରର ଶୃଙ୍ଖଳିତ ଶକ୍ତି।
ତୁମେ ଛାତର ସାହାରା, ଅନୁଶାସନ ଭରା
ତୁମ ହୃଦକାଶେ ଆମେ ଛୋଟ ଛୋଟ ତାରା।

ହେ ବାପା,
ତୁମକୁ ଦେଖି ଆମ ସ୍ୱପ୍ନସବୁ
ଡେଣା ପାଇ ଉଡ଼ନ୍ତି
ତୁମଯୋଗୁ ଏ ଘର ଏ ଆଶ୍ରମ.....
ଆଉ 'ମାଆ'
ଶାନ୍ତିରେ ନିଃଶ୍ୱାସ ଭରନ୍ତି।

ଏ ଓଠର ହସ ତୁମ ଶ୍ରମରୁ ନିର୍ମିତ
ସ୍ୱେଦବାରିର ପ୍ରିତିଟି ବୁନ୍ଦାରୁ,
ଧମନୀର ଗ୍ରନ୍ଥିରୁ ଧୀରେଧୀରେ ନିମ୍ନକୁ
ଆମ ସ୍ୱପ୍ନ ଓ ଆକାଂକ୍ଷା ସବୁ ନିର୍ଗତ।

ତୁମେ ନାଥ,
ତୁମ ବିନା ଆମେ ଅନାଥରେ ନାମିତ
ତୁମ ବିନା ଅସମ୍ପୂର୍ଣ୍ଣ ଅଧାଗଢ଼ା ସଦା ବିଚଳିତ
ପଞ୍ଚତତ୍ତ୍ୱର ଦେହଟି ଦେଇ ଆମକୁ
ଶେଷରେ ପଞ୍ଚତତ୍ତ୍ୱରେ ବିଲୀନ ବି ହୋଇଯାଅ
ତୁମେ ବିନା ଦ୍ୱିଧାରେ ......'ବାପା'।

ଭୁବନେଶ୍ୱର



# ବାପା

ବିନୟ ମିଶ୍ର

ସ୍ନେହ, ଅନୁରାଗ, ମନର ଆବେଗ
ଲୁଚାଇ ମନର କୋଣେ
କରେ କୁସୁମିତ ଜୀବନର ପଥ
ପିତା ହିଁ କେବଳ ଜଣେ।

କଞ୍ଚା ମାଟି ଥିଲୁ
ଶିଳ୍ପୀ ହୋଇ ତୁମେ ଦେଲ ବିଶ୍ୱାସ ପରଶ,
ପୂର୍ଣ୍ଣାକୃତି ଯଦି ଆଜି ଯେ ପାଇଛୁ
ପାଥେୟ ତୁମ ଆଶିଷ।

ବସନ୍ତ ପଞ୍ଚମୀ, ଜନ୍ମ ପୁଣ୍ୟତିଥି
ଥିଲା କି ବିଧି ବିଧାନ
ବିଦ୍ୟାଦାନକୁ କରିଲ ଜୀବନର ବ୍ରତ
ସଂସାରେ ଶ୍ରେଷ୍ଠ ସମ୍ମାନ।

କିବା ଉପହାର ତୁମକୁ ଯେ ଦେବି,
ଋଣୀ ଆଜି ପିତୃ ଋଣେ,
କୁସୁମିତ ହେଉ, ଚଲାପଥ ତୁମ,
ଅଳି ମୋ ପ୍ରଭୁ ଚରଣେ।

ଭୁବନେଶ୍ୱର

# ବାପା ମୋ' ବାପା

ସୁମିତା ବେହେରା ବାପି



ପ୍ରଥମ ଧ୍ୱନି ଯଦି ଓଁକାର ହୁଏ
ପ୍ରଥମ ବେଦ ଯଦି ଋକ୍ ବେଦ ହୁଏ
ପ୍ରଥମ ପୂଜ୍ୟ ଯଦି ଗଣପତି ହୁଏ
ତେବେ, ପ୍ରଥମ ଦେବତା ସିଏ, ବାପା..ମୋ' ବାପା।

ଯାହାଙ୍କ ଆଦର୍ଶରେ ମୋ' ଜୀବନ ଗୀତି
ସ୍ୱର ତାଳ ଲୟେ ଝଙ୍କୃତ ହୁଏ
ମୋ' ବୁକୁତଳର ଅବ୍ୟକ୍ତ କୋହ
ଲୁହ ହୋଇ ଯାହାଙ୍କ ଆଖିରୁ ଝରେ,
ମୋ'ର ପ୍ରଥମ ପୂଜ୍ୟ, ସିଏ ମୋ' ବାପା, ମୋ' ବାପା।

ବ୍ରହ୍ମା, ବିଷ୍ଣୁ, ମହେଶ ପ୍ରଥମ ବିଦ୍ୟା
ସିଏ ତ କେବଳ ସିଲଟ ଖଡ଼ିରେ
ଜୀବନର ଯେଉଁ ପ୍ରଥମ ପାଠଟି
ଶିଖିଥିଲି ଯାହାଙ୍କ ଅନୁଶାସନରେ
ମୋ'ର ପ୍ରଥମ ଗୁରୁ, ସିଏ ମୋ' ବାପା, ମୋ' ବାପା।

ଯାହାଙ୍କ ଶୀତଳ ସାମିଆନା ତଳେ
ଖରା, ବର୍ଷା, ଶୀତ ହାର୍ ମାନିଯାଏ,
ଜୟ କରିବାକୁ ଜୀବନର ଯୁଦ୍ଧେ
ଯାହାଙ୍କ ଅଭୟ ଆଶ୍ୱାସନା ଆଣେ,
ପ୍ରଥମ ଆଲୋକ ମୋ' ଜୀବନର ସିଏ, ବାପା ମୋ' ବାପା।

ଭୁବନେଶ୍ୱର



# ବାପା

**କାଳିପ୍ରସାଦ ମହାପାତ୍ର**

'ବା'ରେ ବାୟୁଟି 'ପା'ରେ ଟି ପାଣି
ଆମେ ସବୁ ଏଇ ଦୁଇରେ ଋଣୀ।।

ଏ ଦୁହିଁଙ୍କ ବିନା ଜୀବନ ହୀନ
କେହି କାହାଠାରୁ ନୁହଁଇ ସାନ।।

ଦୁଇଟି ଅକ୍ଷର ବାପା ଅଟଇ
ତାଙ୍କଠାରୁ ଉଚ୍ଚ ଜଗତେ ନାହିଁ।।

ହସହସ ମୁହଁ ସଦା ତାଙ୍କରି
ଆମ ପାଇଁ ଦୁଃଖକଷ୍ଟ ଆଦରି।।

ବାପ ଥିଲା ପୁଅ ହାରେନା କେବେ
ବିପଦ ଆପଦ ଆସଇ ଯେବେ।।

ତାଙ୍କର କାନ୍ଧଟି ସବୁଠୁ ଉଚ୍ଚା
କରନ୍ତିନି କେବେ ଆମକୁ ନିଚା।।

ପ୍ରଥମ ଗୁରୁଟି ଆମର ସିଏ
ସଂସାର ବାଟଟି କଢ଼ାଇ ନିଏ।।

ଭଲମନ୍ଦ ତାଙ୍କ ନଥାଏ ମନେ
ସମସ୍ତଙ୍କୁ ଏକ ଭାବନ୍ତି ମନେ।।

ସୁଖସମୃଦ୍ଧିରେ ଖୁସି ହୁଅନ୍ତି
ବିପଦେଆପଦେ ଠିଆ ହୁଅନ୍ତି।।

ବାପା ମୋହର ଆଦର୍ଶ ପୁରୁଷ
ତାଙ୍କଠାରୁ ଶିଖେ ଗୁଣ ଅଶେଷ।।

ପ୍ରଣାମ ତାଙ୍କର ପଦ କମଳେ
ଦେବତା ସେ ମୋ'ର ମହୀମଣ୍ଡଳେ।।

କୋରାପୁଟ

# ବାପା

**ସୁରେଶ ଚନ୍ଦ୍ର ରଥ**



ବିପଦେ ଆପଦେ ବାପା ଯୋ'ଉଭା ହୁଅନ୍ତି ଆଗେ
ବାରଣ କରନ୍ତି ବିନାଶ' ପଥେ ନ ଯାଅ କେବେ
ବାପାଙ୍କ ବଚନ ବାବୁରେ ପଥରରେ ଡ୍ରିଗାର
କଦା ନ ଲଂଘିବୁ ଜୀବନେ ଆସୁ ବିପତ୍ତି ଝଡ଼
ବାପାଙ୍କ ପୟର ସେବିବୁ ଦ୍ୱିଧା ନରଖି ମନେ
ସମକକ୍ଷ ତାଙ୍କ ନୁହନ୍ତି କେହି ପୁରୁଷ ଜଣେ
ବନବାସ ଯୋଗ ଆଦରି ପିତୃସତ୍ୟ ପାଳିଲେ
ବନମାଳି ଗୋପପୁରରେ ନନ୍ଦନନ୍ଦନ ହେଲେ
ବିରାଜନ୍ତି ନୀଳାଚଳରେ ଦୁଇ ଭୁଜକୁ ଟେକି
ପିତୃଶ୍ରାଦ୍ଧ ସେହି କରନ୍ତି ଶ୍ରଦ୍ଧା ଭାବକୁ ରଖି
ବାପାଙ୍କ ଜୀବନେ ଭ୍ରମରେ କେବେ ନ ଦେବୁ ଦୁଃଖ
ଭ୍ରମିଯିବୁ ସେହି ଜାଲରେ କେହି ନ ହେବେ ପାଖ
ବିଦାୟ ସମୟେ କନ୍ୟାଟି ବାପାଙ୍କୁ ଧରି କାନ୍ଦେ
ବିଦାକର କିମ୍ପା ଗୃହରୁ ମୋତେ କି ଅପରାଧେ
ବାପାଙ୍କ ହୃଦୟ ତରଳେ କନ୍ୟା ବିଦାୟ ବେଳେ
ବହେ ଅବିରତ ଲୋତକ ସିକ୍ତ କରି ଶରୀରେ
ବାପା ମୋ'ର ଦେବ ଶ୍ରୀକୃଷ୍ଣ ମୁହିଁ ତାଙ୍କରି ସୁତ
ଅବର୍ତ୍ତମାନରେ ପ୍ରଭୁ ହେ ରଖ ଶ୍ରୀ ଜଗନ୍ନାଥ।

**ମଙ୍ଗଳାଯୋଡି, ଖୋର୍ଦ୍ଧା**

(ରାଗ--- ରାମକେରୀ
ଦୁଇ ପାଦରେ ଏକ ପଦ, ପ୍ରତ୍ୟେକ ପାଦ ଷୋହଳ ଅକ୍ଷର ବିଶିଷ୍ଟ,
ପାଦର ନବମ ଓ ଶେଷ ଅକ୍ଷରରେ ଯତି ପାତ ହୁଏ)



# ବାପା

**କାହ୍ନୁ ଚରଣ ମିଶ୍ର**

ବାପା ବୋଲି ଶବ୍ଦ   ଦୁଇଟି ଅକ୍ଷର
ସତରେ ବାଛିଚି କିଏ ?
ବାପାବୋଲି ଥରେ   ଡାକିଦେଲେ ବାରେ
ଛାତି କୁଣ୍ଢେ ମୋଟ ହୁଏ ।
ପିଲାଦିନୁ ପାଳି   ସବୁ କଥା ବୁଝି
ବିତାଇଛନ୍ତି ଜୀବନ
ତାଙ୍କ ପରି କେହି   ହେବେନି ସଂସାରେ
ଅଟନ୍ତି  ସିଏ ମହାନ ।
ବିଶାଳ ହୃଦୟ  ସ୍ନେହ ଭାବ ମୟ
ମମତାର  ସିନ୍ଧୁ ସିଏ
ସନ୍ତାନର ସୁଖ   ଯିଏ ସଦା ଚାହେଁ
ବାପା ହେଉଛନ୍ତି ସିଏ ।
ଯାହା ସେ କହନ୍ତି   ଯାହା ସେ କରନ୍ତି
ସବୁ ଭଲ ଆମପାଇଁ
ଜୀବନରେ ଦିନେ  ଜାଣି ଶୁଣି କେବେ
ଦୁଃଖ ତାଙ୍କୁ ଦେବା ନାହିଁ ।
ତାଙ୍କ ସୁଖ ପାଇଁ   ଭୁଲି ଯିବା ଆମେ
ଜୀବନର ଯେତେ ମୋହ
ଯେତେ କଷ୍ଟ ପଡୁ   ସହିଯିବା ଆମେ
ଦେବାନି  ଆଖିରେ ଲୁହ ।
ସତ୍ୟ, ନ୍ୟାୟ, ଧର୍ମ   ଆଚରିବା ପାଇଁ
ଦେଇଥାନ୍ତି  ପରାମର୍ଶ
ତାଙ୍କରି ଆଦେଶ  କରିବା ପାଳନ
ନକରି ବାଦ ବିଦ୍ୱେଷ ।
ଦୁଷ୍ଟ ହେଲେ କେବେ  ରାଗ ହୋଇଥାନ୍ତି
ସୁପଥେ ଚାଲିବା ପାଇଁ
ଉପରକୁ କଡ଼ା   ଭିତରକୁ ଶାନ୍ତ
ଅନ୍ତର ଭିତରେ ଥାଇ ।
ପିତାଙ୍କ ଆଶିଷ   ଥାଏ ଯାହାପରେ
ଉନ୍ନତି ହୁଏ ତାହାର
ତାହାଙ୍କୁ କଦାପି   ନକରିବ ହେୟ
ଜାଣ ଏତିକି ମାତର ।
ଚୀର ପୂଜନୀୟ   ସଦା ବନ୍ଦନୀୟ
ସେହି ଆମ ଜନ୍ମ ଦାତା
ହତାଦର କେବେ   କରିବାନି ତାଙ୍କୁ
ଆମେ ତାଙ୍କ ସୁତ ସୁତା ।
ଜୀବନ୍ତ ଠାକୁର   ବାପା ହିଁ ଆମର
ଘରଟି ଅଟେ ମନ୍ଦିର
ବାପା ହସୁଥିଲେ  ଘର ହସୁଥାଇ
ହସେ ଆମ ପରିବାର ।
ଯିଏ ଯେତେବଡ଼  ହେଲେ କେବେ ତାଙ୍କ
ଶୁଝି ପାରିବନି ଋଣ
ସ୍ନେହ,ଶ୍ରଦ୍ଧା,ଭକ୍ତି  ଭାବ ରଖି ସଦା
ପୂଜିବା ତାଙ୍କ  ଚରଣ ।

**ଟାଙ୍ଗି, ଖୋର୍ଦ୍ଧା**

# ବାପା

## ଅଶେଷ ଲୋଚନ ଆଚାର୍ଯ୍ୟ

ବୈଶାଖ ମାସରେ ଦିନେ ଖରାବେଳେ
ଧୁଉଧୁଉ ଟାଣ ଖରାରେ
ଯାଉଥିଲେ ବାପା ବାଘୁଆପାଳକୁ
କେଉଁ ଏକ ପୂଜା କାମରେ।
ମୁଣ୍ଡଫଟା ଖରା ଛିଟୁଥିଲା ନିଆଁ
ଖଇ ଫୁଟିଯିବ ବାଲିରେ,
ଧରିଥିଲେ ଛତା ମୁଣ୍ଡରେ ଗାମୁଛା
ଚପଲଟା ଥିଲା ପାଦରେ।
ସତୁରି ସରିକି ବୟସ ହେଲାଣି
ଖାତିର ନଥିଲା ଖରାକୁ,
ନଈ ପାରିହୋଇ ଯାଉଥିଲେ ବାପା
ନିଜର ଗନ୍ତବ୍ୟ ସ୍ଥଳକୁ।
ଖବର ପାଇ ମୁଁ ବେଗେ ଚାଲିଗଲି
ଦେଖିଲି ଚାଲନ୍ତି ଧସେଇ,
ବାପା ବାପା ବୋଲି ପଛରୁ ଡାକିଲି
ଅନାଇଲେ ମୁହଁ ଫେରେଇ।
କହିଲି ବାପାଙ୍କୁ ଖରାରେ ଯାଅନା
ଭଲନାହିଁ ତୁମ ଶରୀର,
ବାପା କହୁଥିଲେ ଯିବାକୁ ପଡ଼ିବ
ଚାହିଁଥିବେ ବାଟକୁ ମୋର।
ଟଣାଟଣି ହେଲୁ ବାପ ପୁଅ ଦୁହେଁ
ମାନିଗଲେ ବାପା ଶେଷରେ,
ଗେହ୍ଲୀ ଆଇ ସବୁ ଦେଖିଲେ ଘଟଣା
ବସିଥିଲେ ସିଏ ତୁଠରେ।

ଗାଆଁରେ କହିଲେ ପୁଅ ଥିଲା ବୋଲି
ଫେରାଇ ଆଣିଲା ବାପାକୁ
ଧନ୍ୟଧନ୍ୟ ସବୁ କହୁଥିଲେ ଲୋକ
ଦେଖି ବାପପୁଅ କାଣ୍ଡକୁ ।
ବୁଝିଗଲେ ବାପା ମାନିଗଲେ କଥା
ଯଯମାନି ଦେଲେ କମେଇ,
ବହିଖାତା ସହ ଦିବସା ଡାଇରି
ପୁତୁରାକୁ ଦେଲେ ଗଟେଇ।
ବହିପଢ଼ା ନିଶା ଘାରିଲା ବାପାଙ୍କୁ
ଦିନରାତି ଖାଲି ପଢ଼ିଲେ,
ବୁଢ଼ା ବୟସରେ ସ୍ଲେଟ୍ ଖଡ଼ି ଧରି
ହୀନ୍ଦି ଓ ବଙ୍ଗଳା ଶିଖିଲେ।
ଦିନରାତି ସିଏ ଏକାକାର କଲେ
ଦଶ ବରଷ ସେ ପଢ଼ିଲେ,
ବହିସବୁ କିଣି ଲାଇବ୍ରେରୀ କଲେ
କୃପାସିନ୍ଧୁ ନାମ ରଖିଲେ।
ବହି ପଢୁଥିଲେ ବାରଣ୍ଡାରେ ବସି
ଖେଳୁଥିଲା ଝିଅ ଦାଣ୍ଡରେ,
ଧାନଗାଡ଼ି ଆସି ମାଡ଼ି ଚାଲିଗଲା
ଝିଅ ରହିଗଲା ମଝିରେ।
ଦୁଇ ମସିହାରେ ଛାଡ଼ିଦେଇ ବାପା
ଚାଲିଗଲ ଆରପୁରକୁ,
ସେପାରିରେ ଥାଇ ଶୁଭଦୃଷ୍ଟି ଦିଅ
ଆଶୀର୍ବାଦ କର ଆମକୁ।

ବଳଭଦ୍ରପୁର, ମୟୂରଭଞ୍ଜ

# ବାପା

ଯମୁନା ମହାପାତ୍ର ମିଶ୍ର

ଜନ୍ମଦାତା
ପାଳନକର୍ତ୍ତା
ଶିକ୍ଷାଦାତା
ସତେକି ସେ
ସୃଷ୍ଟିକର୍ତ୍ତା ବ୍ରହ୍ମା ପାଳନକର୍ତ୍ତା ବିଷ୍ଣୁ
ପରିବାରର ବୋଝ
ବହନକାରୀ।।

ପଞ୍ଚାନନ
ଅନନ୍ତଙ୍କ ପରି
ଧରଣୀ ଧାରଣକାରୀ
ଆକାଶଠୁ ଉଚ୍ଚ
ସୁବିସ୍ତୃତ ଅଟେ
ମହତ୍ତ୍ୱ ତାଙ୍କରି।।

ମହିମାମୟଙ୍କ
ଅନନ୍ୟ ଅବଦାନ
ସନ୍ତାନଙ୍କ ପାଇଁ
ନିଜକଷ୍ଟ ଭୁଲି
ତତପର ସଦା
ସନ୍ତାନ ମଙ୍ଗଳ ପାଇଁ।।

ଆଜୀବନ ରତ
କଠୋର ତପ
ସାଧନ ନିମନ୍ତେ
ସୁସାଧକ
ମହର୍ଷି ପରାଏ
ପରିବାର ହିତେ।।

ଆତ୍ମତୃପ୍ତି ଲଭନ୍ତି
ସୁଶିକ୍ଷା ଏବଂ
ସୁସଂସ୍କାର ଦେଇ
କେଉଁଥିରେ
ସନ୍ତାନଙ୍କର
ଅଭାବ ରଖନ୍ତି ନାହିଁ।।

ପିତା ଧର୍ମ
ପିତାସ୍ୱର୍ଗ
ପିତା ହିଁ ପରମ ତପ
ତାଙ୍କ ପାଦତଳେ
ଭକ୍ତିଭାବେ ମଥାପାତି
କରେ କୋଟି ଦଣ୍ଡବତ।।

ତରଭା, ସୁବର୍ଣ୍ଣପୁର

# ସିଏ ଥିଲେ ବାପା ମୋ'ର

**ସୁଷମା ଲେଙ୍କା**

ବାପା ଥିଲେ ମୋ'ର
ଆକାଶଠୁ ବଡ଼ ସାଗରଠାରୁ ଗଭୀର
ସ୍ନେହର ତ୍ୟାଗର ଆଶୀର୍ବାଦର
ସେ ପ୍ରେରଣାର ଗନ୍ତାଘର।...(୦)

ଅନ୍ତରେ ତାଙ୍କର କରୁଣାର ଝର
ବହୁଥାଏ ନିରନ୍ତର
ଉପରକୁ ଶକ୍ତ ଭିତରେ କୋମଳ
ସିଏ ପରା ବାପା ମୋ'ର
ଧରିତ୍ରୀ ପରି ସେ ଧୈର୍ଯ୍ୟରେ ନିପୁଣ
ସ୍ୱଭାବ ସରଳ ଯା'ର........(୧)

ହାତ ଧରି ମୋ'ର ଚାଲି ଶିଖାଇଲେ
କହି ସେ ମଧୁର କଥା
ଜ୍ୱରର ରୋଗେ ମୁହିଁ ପଡ଼ିଗଲେ କେବେ
ତାଙ୍କ ମନେ ହୁଏ ବ୍ୟଥା
କେତେ ଡାକ୍ତରଙ୍କୁ ହାତ ସେ ଯୋଡ଼ନ୍ତି
ଦେହ ଭଲ ପାଇଁ ମୋ'ର
ସିଏ ଥିଲେ ବାପା ମୋ'ର।....(୨)

ମୋ' ଖୁସିରେ ଖୁସି ବେଶି ହେଉଥିଲେ
ଜାଣି ମନକଥା ମୋ'ର
ମୋ' ଦେହରୁ ଟିକେ ରକତ ବୋହିଲେ
ଅଶ୍ରୁ ଝରେ ଝରଝର
ସୂର୍ଯ୍ୟ ପରି ତେଜ ଦିପ୍ତୀମାନ ଦିଶେ
ମୁଖମଣ୍ଡଳ ଯାହାର
ସିଏ ପରା ବାପା ମୋ'ର....(୩)

ମୋତେ କହୁଥିଲେ ଯେତେ ବିଘ୍ନ ଆସୁ
ଯିବୁନାହିଁ କେବେ ଥକି
ହସିହସି ସବୁ ସହି ଯିବୁ ଝିଅ
ରାସ୍ତା ଅଛି ବହୁ ବାକି
ସତପଥେ ସଦା ଚାଲିବା ପାଇଁକି
କହୁଥିଲେ ବାପା ମୋ'ର
ସିଏ ଥିଲେ ବାପା ମୋ'ର.....(୪)

ତାଙ୍କୁ ଦେଖିଦେଲେ ମନେ ଆସେ ଦମ୍ଭ
ମଥା ଆମ ନଇଁ ଯାଏ
କଳ୍ପବଟ ପରି ପରମ ପାବନ
ଘର ଛାତ ପରା ସିଏ
ପରିବାର ପାଇଁ ଦୁଃଖ ଯନ୍ତ୍ରଣାକୁ
ପିଅନ୍ତି ଯେ ବାରବାର
ସିଏ ଥିଲେ ବାପା ମୋ'ର ।।....(୫)

ନଖାଇକି ଯିଏ ପିଲାଙ୍କୁ ଖୁଆନ୍ତି
ଉପାସେ ଶୁଅନ୍ତି ଯିଏ
ନିଜେ ଚିରା ପିନ୍ଧି ଭଲ ପିନ୍ଧିବାକୁ
ଆମକୁ ଦିଅନ୍ତି ସିଏ
ବିଶ୍ୱାସରେ ବାପା ଅନନ୍ତ ଆକାଶ
ସିଏ ଚଳନ୍ତି ଠାକୁର
ସିଏ ଥିଲେ ବାପା ମୋର'।।...(୬)

କେତେ ଉପଦେଶ ଜଗତର କଥା
ମତେ ସେ ଶିଖାଇଥିଲେ।
ଲାଡକରି ମତେ ପିଠିରେ ବସାଇ
ଘୋଡ଼ା ହୋଇ ଚାଲୁଥିଲେ
ଭକ୍ତି ଭରେ ଆଜି ଦିଏ ଶ୍ରଦ୍ଧାଞ୍ଜଳି
ପ୍ରଣାମ ଘେନ ହେ ମୋ'ର।...(୭)

**ଭୁବନେଶ୍ୱର**

# ପିତା ହିଁ ପରମ ତପ



**ସନ୍ତୋଷ କୁମାର ପଣ୍ଡା**

ଅରୁଚିକର ତ ପିତା ପାଚି ପାଇଁ
ଦେହ ପାଇଁ ହିତକର,
ମନେ ପୀଡ଼ା ଦିଏ ପିତା କଥା ବାବୁ
ଭବିଷ୍ୟକୁ ସୁଖକର।୦।

ମାଆ ସ୍ନେହ, ଶ୍ରଦ୍ଧା ସଭିଏଁ ଜାଣନ୍ତି
ଅଦୃଶ୍ୟ ପିତାର ପ୍ରେମ,
ସିଏ ତ ସରଗ, ସେ ପରମ ତପ
ସିଏ ହିଁ ପରମ ଧର୍ମ।୧।

ସନ୍ତାନ ଦୁଃଖରେ ସମ ଦୁଃଖୀ ହୋଇ
ସେ ଯେ କାନ୍ଦେ ଲୁଚି ଲୁଚି,
ସନ୍ତାନ ଖୁସିକୁ ସାଙ୍ଗ ସାଥୀ ମେଳେ
ବାଣ୍ଟେ ପୁଣି କିଛି କିଛି।୨।

ତାହାର ହୃଦୟ ପଥରଠୁ ଟାଣ
ବଜ୍ର ପରି ତାହା ମନ,
ଆସୁ ଝଡ଼ଝଞ୍ଜା ବାଆ କି ବତାସ
ସତେ ଅବା ବଟ ଦ୍ରୁମ।୩।

କହୁନାହିଁ ମୁହିଁ ବଡ଼ କରି କିଛି
ତାହାଙ୍କ ବଡିମା କଥା,
ପିତାର ହୃଦୟେ ବୁଝ ଥରେ ତୁହି
ତାଙ୍କର ମନର ବ୍ୟଥା।୪।

କଟକ

# ବାପାଙ୍କୁ ଚିଠି

**ନଳିନୀ ପ୍ରଭା ଦାସ**



ପୂଜନୀୟ ବାପା ମୋର
ସୁଦୂରରୁ ନମସ୍କାର ନେବ
ରାଗ ଅଭିମାନ ଭୁଲି
ହସ୍ତୁ ତୁମ ଆଶୀର୍ବାଦ ଦେବ ll ୧ ll

ଦୀର୍ଘ ବାର ବର୍ଷ ହେଲା
ଦେଖିନି ତୁମକୁ ହୋଇନି କଥା
ପତ୍ରରେ ଲେଖି ଜଣାଏ
ମନ ତଳର ଅକୁହା ବ୍ୟଥା ll

ଜାଣିଛ ବାପା ତମର
ସେ ଜିଦିଆ ଆମାନିଆ ଝିଅ
ସରକାରୀ ବିଦ୍ୟାଳୟେ
ଶିକ୍ଷୟିତ୍ରୀ ରୂପେ ତୁଲାଏ ଦାୟିତ୍ୱ ll

ଦିନେ ତମେ କହିଥିଲ
ପାଠ ପଢ଼ି କ'ଣ କରିବୁ ବୋଲି
ପଢ଼ିଥିଲି ବୋଲି ଆଜି
ପରିବାର ବୋଝ ଉଠାଇଲି ll

ତମର ସେ ଅଲିଅଳି
ନଳିତା ଆଜି ବଡ଼ ହୋଇଗଲାଣି
ପିଲାଳିଆ 'ମନ' ଅଛି
କିନ୍ତୁ ବଡ଼ ଦାୟିତ୍ୱ ସମ୍ଭାଳିଲାଣି ll

ବାପା ଆଉ ଗୋଟେ କଥା
ଦୁଃଖରେ ଭାଙ୍ଗିପଡ଼ିବ ନାହିଁ
ଦେଢ଼ ବର୍ଷ ହେବ ବୋଉ
ଆଉ ତା' ପିଲାମାନଙ୍କ ପାଖେ ନାହିଁ ll

ଦେଖିଥିବା ସ୍ୱପ୍ନ ସବୁ
ଧୀରେଧୀରେ ପୂରଣ ହୋଇଛି
ଚାକିରି ସହ ଲେଖନୀ
ସ୍ୱାଧୀନ ଭାବେ ଆଗେଇ ଚାଲିଛି ll

ପୁଅଟି ବଡ଼ ହେଲାଣି
ଅଷ୍ଟମ ଶ୍ରେଣୀରେ ପଢୁଛି ବାପା
ଆଜି ଜାଣୁଛି କଷ୍ଟ
ପିଲାଙ୍କୁ ମଣିଷ କରି ଗଢ଼ିବା ll

ବୁଝି ପାରୁଛି ଆଜି ମୁଁ
ତମ ହୃଦୟ ତଳ ଯନ୍ତ୍ରଣା
ସେତେବେଳେ ଯାହା ଥିଲା
ମୋ' ପାଇଁ ଝିଅ ବେଳେ ଅଜଣା ll

ଆକାଶଠାରୁ ହିଁ ବଡ଼
ସାଗରଠାରୁ ଗଭୀର ସେ ହୃଦୟ
ବିଶାଳ ଛାତିରେ ଲୁଚେ
ଦୁଃଖ କଷ୍ଟ ଯନ୍ତ୍ରଣାର କୋହ ll

ବହୁକିଛି ଲେଖିବାକୁ
ବାକି ରହିଗଲା ବାପା ଏଠି
ମନେପଡ଼ ତୁମେ ମୋ'ର
ସବୁବେଳେ ସର୍ବଦା ସବୁଠି ll

ଦୂରାକାଶେ ତାରାମେଳେ
ଲୁଚିଗଲ ତମେ ଆଉ ବୋଉ
ତାରା ଗଣେ ଖୋଜେ ଆଖି
କେବେ ଖୋଜି ପାଉନାହିଁ ଆଉ ll

ଦେଖାହେଲେ ବୋଉ ସାଥେ
କହିଦେବ ଚିଠି ଦେଇଥିଲା
ନଳିତା ଝିଅ ଆମକୁ
ମନେ ପକାଇ ଚିଠି ଲେଖିଥିଲା ll

ସୁଦୂରରୁ ଅଜଣା ରାଜ୍ୟେ
ଲେଖିଛି ଚିଠି ମୁଁ ପିତା ପାଖେ
ହେ ଈଶ୍ୱର!! ପହଞ୍ଚାଇ ଦେବ ନିଶ୍ଚେ
ଅଜଣା ଠିକଣାରେ ଦେଲି ବିଶ୍ୱାସେ ll

ଅଲିଅଳି କନ୍ୟା ତୁମ
ସୁଦୂରରୁ କରେ ପ୍ରଣିପାତ
ଆଶୀର୍ବାଦ ଦେବ ତମେ
ହେ ଆଦ୍ୟଗୁରୁ ମୋ' ମାତାତାତ ll

ପିତା ସ୍ୱର୍ଗ ପିତା ଧର୍ମ
ଜନ୍ମଦାତା ନର ରୂପୀ ବ୍ରହ୍ମ
ପିତା ମାତା ସେବା ଅଟେ
ଶ୍ରେଷ୍ଠ ସେବା ଜାଣ ମାନବଗଣ ll

# ବାପା

**ଜ୍ୟୋତି ପ୍ରଭା ପଟ୍ଟନାୟକ**



ବାପା ବୋଲି ଯେଉଁ ଦୁଇଟି ଅକ୍ଷର
ଗୂଢ଼ ରହସ୍ୟ ରହିଛି
ବାଲ୍ୟକାଳୁ ବୋଲି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ
ପରିବାରକୁ ବୋହିଛି
ହାତ ଧରି ଯିଏ ଚାଲି ଶିଖାଇଲେ
ଆମ ବାପା ପରା ସିଏ
ଅଳି ଅରଦଳି ସହି ବଡ଼ କଲେ
ସେ କଥା ଭୁଲିବ କିଏ
ପେଟେ ଭୋକ ଥାଇ ଖାଦ୍ୟ ନ ରୁଚଇ
ପିଲାଏ ନଥିଲେ ଘରେ
ଦିନରାତି ଆଖି କଷାପଡ଼େ ନାହିଁ
ପିଲା ପଡିଲେ ବେମାରେ
କିପରି ବଢିବେ କିପରି ପଢିବେ
କରୁଥା'ନ୍ତି ନିତି ଚିନ୍ତା
ଦୁନିଆଁ ଦାଣ୍ଡରେ ମଣିଷଟେ କରି
ଗଢିଲେ ହେବେ ଅଚିନ୍ତା
ଅଭାବ କଷଣ ନ କୁହନ୍ତି କେବେ
ଯେତେ ବି ନଥାଉ ଧନ
ଶିକ୍ଷା ସଂସ୍କାର ଦେଇ ଗଢିଛନ୍ତି
ପାଇବାକୁ ସନମାନ
ଟିକେ କଷ୍ଟ ହେଲେ ବୋଉର ଆଖିରୁ
ଗଡି ପଡୁଥାଏ ଲୁହ
ବାପା ପରା ସିଏ ଲୁଚାଇ ରଖନ୍ତି
ଛାତିରେ ଅକୁହା କୋହ
ଆମ ସୁଖ ପାଇଁ ନିଜ ସୁଖ ଶାନ୍ତି
କେବେ ନ ଖୋଜନ୍ତି ସିଏ
ତାଙ୍କରି ଆଦର୍ଶେ ଆମକୁ ଗଢିବେ
ମନ ତାଙ୍କ ଚାହୁଁଥାଏ
ବୋଉ ବାପା ଏକା ଏକା ଘରେ ବସି
ନିତି ହେଉଥାନ୍ତି ଘାରି
ଚାକିରୀ ସରିଲା ଅବସର ହେଲା
ପିଲାଏ ଗଲେ ବାହାରି
ବାପା ଭାବିଥିଲେ ପାଠପଢି ପିଲେ
ଚାକିରୀ କରିବେ ଏଠି
ଲୋଭନୀୟ ଟଙ୍କା କମ୍ପାନୀ ଚାକିରୀ
ରହିଲେ ଯିଏ ଯେଉଁଠି
ପିଲା ବଡ଼ ହେବେ ସଂସାର ଗଢିବେ
ବଢିବ ଏ ପରିବାର
ପୁଅ ବୋହୂ ନାତି ନାତୁଣୀ ମେଳରେ
ଗଢିବେ ଆଦର୍ଶ ଘର
ମନ କଥା ମନେ ଘାରି ହେଉଥାଏ
କୁହନ୍ତିନି ସିଏ କିଛି
ସୁଖ ସପନକୁ ରାତି ସରିଯାଏ
ସବୁ ବଦଳି ଯାଉଛି
କାହା ପାଇଁ ଘର କରିଥିଲେ ବାପା
ସତେ କେତେ ମାୟା ମୋହ
ସେହିକଥା ଆଜି ଭାବୁଛି ମୁଁ ବସି
ଆଖିରେ ଆସୁଛି ଲୁହ
ଆଜି ଆମେ ପିଲା କାଲି ହେବା ବାପା
ଆମ ପିଲେ ଆମ ସାଥେ
କରିଲେ ବୁଝିବା ବାପାହେବା ରହସ୍ୟ
କିପରି ମର୍ମକୁ ବାଧେ

**କଟକ**

# ବାପା

ନଳିନୀ ପ୍ରଭା ମିଶ୍ର

ସଂସାର ସୃଜନେ, ବିଧାତା ଗଢିଛି
ପୁରୁଷ ଓ ନାରୀ ଦୁଇ
ପୁରୁଷ ଦିଅଇ ପିତୃ ପରିଚୟ
ମାତା ଯେ ଜନନୀ ହୋଇ।
ସମାଜ ସ୍ୱୀକୃତି ଦେଇଥାଏ ବୈଧ
ବାପା ପାଇଁ ସନ୍ତାନକୁ
ସର୍ବ ସମକ୍ଷରେ ସନ୍ତାନ ସନ୍ତତି
ଧନ୍ୟ ମଣନ୍ତି ନିଜକୁ।
ବାପା ହୋଇଥାନ୍ତି ପରିବାର ପାଇଁ
ଘରଟିର ମଝିଖୁଣ୍ଟ
ବିପଦ ଝଡ଼ରେ ଟଳି ନଯିବାକୁ
ମନେ ଦେଇଥାନ୍ତି ଆଣ୍ଟ।
ପ୍ରଭାତେ ପ୍ରଣମି ବାପାଙ୍କ ପୟରେ
ମିଳେ ଯେଉଁ ଆଶୀର୍ବାଦ
ସେ ଆଶୀଷ ପାଶେ ହୋଇଥାଏ ତୁଚ୍ଛ
ସକଳ ଧନ ସମ୍ପଦ।
ପରିବାର ପାଇଁ ଖଟିଥା'ନ୍ତି ସଦା
ନିଜ ରକ୍ତ କରି ପାଣି
ସନ୍ତାନ ସନ୍ତତି ପାଇଁ ଯେତେ ଦ୍ରବ୍ୟ
ଆଣିଥାନ୍ତି ମନ ଜାଣି।

ବାପା ପାଇଁ ବୋଉ ହୁଏ ପତିବ୍ରତା
ମଥାରେ ସିନ୍ଦୂର ନାଇ
ହାତେ ଶୋଭେ ଶଙ୍ଖା ସୁବର୍ଣ୍ଣ କଙ୍କଣ
ଅହ୍ୟରାଣୀ ସେ ବୋଲାଇ।
ତ୍ୟାଗର ପ୍ରତୀକ ବାପା ପରା ସିଏ
ଜାଳି ଦେଇ ଜୀବନକୁ
ନୀତି ଆଦର୍ଶରେ ପଢା଼ନ୍ତି ଆମକୁ
ବଢିବା ପାଇଁ ଆଗକୁ।
ଗଣିତ ସୂତ୍ରର ଗାଣିତିକତାରେ
ସମ୍ଭାବନା ଥାଏ ବହୁ
ଅଯୋଗ୍ୟ ସନ୍ତାନ ଯେବେ ହୋଇଗଲେ
ଲୁହ ହୋଇଥାଏ ଲହୁ।
ପୁତ୍ର କିନ୍ତୁ ଜାଣି ପାରେନା ବାପାର
ତ୍ୟାଗ ଭରା ସେ ଆଦର୍ଶ
ବୃଦ୍ଧ ଅବସ୍ଥାରେ ଜରାଶ୍ରମ ହୁଏ
ବାପାଙ୍କ ପାଇଁ ନିବାସ।
ପିତା ଗୁରୁଦେବ ପିତା ସେବା ଧ୍ରୁବ
ପିତା ହିଁ ପରମ ଧର୍ମ
ତାଙ୍କ ସେବା ହେଉ ସନ୍ତାନର ପାଇଁ
ତ୍ୟାଗର ଜ୍ୱଳନ୍ତ ମର୍ମ।

ମୁକୁନ୍ଦପୁର, ଆସ୍କା, ଗଞ୍ଜାମ

# ମୋ' ବାପା

**ବାସନ୍ତୀ ଦେଈ**



ଆହେ ପ୍ରାଣଦାତା
ପୂଜ୍ୟ ପିତାମାତା
ଧନ୍ୟ ତୁମ ଅବଦାନ,
ପିଣ୍ଡକୁ ସର୍ଜିଲ
ଧରାକୁ ଆଣିଲ
ପିଣ୍ଡରେ ଭରିଲ ପ୍ରାଣ।୧।

କେତେ ଯତନରେ
ପାଳିଲ ସ୍ନେହରେ
ଦେଇ ତୁମ ଶୁଭାଶିଷ,
ବତାଇଲ ଜ୍ଞାନ
ଦେଖାଇଲ ପଥ
ହେବାପାଇଁ ସୁମଣିଷ।୨।

ବାପାଙ୍କର ଗିର
ପାଷାଣର ଗାର
କଠୋର ଅନୁଶାସନ,
ହୃଦୟଟା ତାଙ୍କ
ଫୁଲଠୁ କୋମଳ
ଧୈର୍ଯ୍ୟେ ହିମାଳୟ ସମ।୩।

ତୁମ ସରଳତା
ସଚ୍ଚୋଟତା ମୋତେ
ଜୀବନେ ଦେଇଛି ଶିକ୍ଷା,
ଅନ୍ୟାୟ, ଅସତ୍ୟ
ପାଶେ କେବେ ମୁହିଁ
ନୁଆଁଇବି ନାହିଁ ମଥା।୪।

ବାପା ତୁମେ ଥିଲ
ମୋ' ପାଇଁ ଦେବତା
ତୁମେ ସାକ୍ଷାତ ଇଶ୍ୱର,
ଯାଇନି ମନ୍ଦିର
ପୂଜିନି ଠାକୁର
ସେବିଛି ତୁମ ପୟର।୫।

ଗଭୀର ଆଶା ଓ
ବିଶ୍ୱାସ ତୁମର
ମୋ' ଉପରେ ରହିଥିଲା,
ତୁମ ଆଶିଷରୁ
ସବୁ ସଫଳତା
ମୋତେ ପ୍ରାପ୍ତ ହୋଇଥିଲା।୬।

ମନେ ପଡ଼େ ଏବେ
ପରୀକ୍ଷାକୁ ଗଲେ
ବାପା ଠାକୁରଙ୍କ ପାଶେ,
ଦୀପଟିଏ ଜାଳି
ମୁଣ୍ଡିଆ ମାରନ୍ତି
ମୋ'ର ସଫଳତା ଆଶେ।୭।

ଜୀବନର ପଥେ
ଝୁଙ୍କି ପଡ଼ିଲେ ମୁଁ
ମନେ ସାହାସ ଦିଅନ୍ତି ,
ଭଲ ସାଙ୍ଗ ପରି
ସଦା ସରବଦା
ମୋ' ସାଥୀରେ ରହିଥାନ୍ତି।୮।

ଆଜି ତୁମେ ନାହଁ
ଏ ମାୟା ସଂସାରେ
ରହିଅଛ ମୋ' ହୃଦରେ,
ସ୍ୱର୍ଗେ ଥାଇ ବାପା
ଦିଅ ଆଶୀର୍ବାଦ
ନିତି ପ୍ରତି ଦିବସରେ ।୯।

ପିଣ୍ଡରେ ପରାଣ
ଥିବା ପରିଯନ୍ତେ
ସୁଝି ପାରିବନି ଋଣ,
ତୁମେ ଥିଲ ମୋ'ର
ଚଳନ୍ତି ଠାକୁର
ପୂଜେ ମୁଁ ତୁମ ଚରଣ ।୧୦।



# ଅମୃତାୟନ

ଆରତି ମଞ୍ଜରୀ ଦାଶ

ପିତା ତ ଅମୃତମୟ ଆଧାର
ସୃଜନ ଶକ୍ତିର
କେନ୍ଦ୍ର ସେତ ଅନନ୍ତ ଦୟାର
ବିଭୁ କୃପା ବଳେ ସୃଜି ଘଟ
ଆପଣା ଆତ୍ମାର
କରନ୍ତି ପ୍ରକଟ।

'ଆତ୍ମାଽସି ପୁତ୍ର ମେ ତ୍ୱଂ
ସଜୀବଃ ଶରଦଃ ଶତମ୍।'
ଅମୃତ ବାଣୀ ଏ ତ
ଋଷିମୁଖ ନିଃସୃତ
ବିଶ୍ୱ ରଚନାର ବିଶିଷ୍ଟ
ସ୍ୱାକ୍ଷର ଆଙ୍ଗିକ।

ତେଜ ଉଦଧି ଭୌମ
ନାଦ ମରୁତ ବ୍ୟୋମ
ଏ ସବୁ ତ ବିଭୁ କଳ୍ପନାର
ମଧୁମୟ ବିନ୍ୟାସ କେବଳ
ସକଳ ଦୁଃଖ ଦୁର୍ବିପାକକୁ
ତୁଚ୍ଛ ମଣି ଅତି ଉତ୍ସାହେ
କରି ସନ୍ତରଣ ଜଞ୍ଜାଳ ସ୍ରୋତେ
ପିତା ତ କରନ୍ତି ସ୍ଥାପନ
ନିଜ ବଂଶ ବୃକ୍ଷ ଭବ୍ୟ
ବିଭୁ କଳ୍ପନାର ସାକାର ରୂପ।

ପିତାମାତା ଗୁରୁ ଗୃହ ପରିବାର
ପ୍ରିୟ ପରିଜନ ଆତ୍ମୀୟ ସ୍ୱଜନ
ସକଳେ ଆଶ୍ରିତ ଅଂଶ
ବିଭୁକୃପା ସଦନର।

ପିତା, ସେ ତ ଅସୀମ ଆନନ୍ଦ
ଐଶ୍ୱର୍ଯ୍ୟର ମୂଳଦୁଆ,
ବିରାଟ ଅଟ୍ଟାଳିକାଟିର ସୁଦୃଢ଼ ଆଧାର
ଶୁଭାକାଙ୍କ୍ଷୀ ପୁଣ୍ୟ ବିଶ୍ୱାସୀ
ଦୟା ପ୍ରେମ କରୁଣା ଶ୍ରଦ୍ଧା ଭକ୍ତିର
ସାମଗ୍ରିକ ରୂପ, ଧର୍ମାଧିକରଣ,
ରକ୍ଷାକର୍ତ୍ତା।

ନିହିତ ତାଙ୍କଠାରେ ଅନନ୍ତ
ବାତ୍ସଲ୍ୟର ତାରଲ୍ୟ
ପୁଣି ଅନୁଶାସନର
କଠିନ ବାସ୍ତବତା
କଲ୍ୟାଣ ଭାବନାର
ପରିପୂର୍ଣ୍ଣ ରୂପ
ଉତ୍ତର ପୀଢ଼ିର ଭାବି
ଉତ୍କର୍ଷର ଚେତନା।

ସିଏ ହିଁ ସ୍ୱର୍ଗ
ସିଏ ହିଁ ସର୍ଜନକର୍ତ୍ତା ଈଶ୍ୱର
ସେଇ ଈଶ୍ୱରଙ୍କ ପ୍ରୀତି ହିଁ
ଈଶ୍ୱର ଭକ୍ତି।

ଶ୍ରଦ୍ଧାନୁରକ୍ତି
ଧର୍ମନୀତିର ନିଗଡ଼ ଭିତରେ
ସଦା ବସମାନ ସେ ତ ଶାଶ୍ୱତ
ଅମୃତମୟ ବିଭୁ ସତ୍ତା ।

ଗୁରୁଜଙ୍ଗ, ଖୋରଧା

ଆମ କବିତା

# ବାପା

**ସୌଦାମିନୀ ସାହୁ**

ଦୁନିଆରେ ପରିଚୟ ଦେଲ
ନିଜେ ହଜିଗଲ କେଉଁ ରାଇଜେ,
ହାତଧରି ମୋତେ ଚାଲିବା ଶିଖାଇ
ଚୁପ୍ ହୋଇଗଲ ମହା ଆନନ୍ଦେ।

ମାଟି ଅଗଣାରୁ ଟୋକିନେଇ ମୋତେ
ଆକାଶେ ଉଡିବା ଶିଖାଇ ଦେଲ,
ନିଜ ପିଠିକୁ ଖରାବର୍ଷା ଖୋଇ
ମୋ' ପାଇଁ ମହାବୃକ୍ଷ ସାଜିଲ।

ପ୍ରାରବ୍ଧ କୁହ କି ଆଶୀଷ କୁହ
ତୁମେ ଜନ୍ମଦାତା ଅଟ ମୋହର
ସନ୍ତାନ ମଙ୍ଗଳେ ସବୁ ସହିଯାଅ
ସତ୍ୟ, ଧର୍ମ, ନ୍ୟାୟର ଅବତାର।

ତୁମେ ଶିଖାଇଲ ପ୍ରଥମ ଅକ୍ଷର
ବ୍ରହ୍ମା, ବିଷ୍ଣୁ ପୁଣି ହେ ମହେଶ୍ୱର
ତୁମେ ବୁଝେଇଛ ସତ୍ ପଥେ ଯିବା
ମାନବ ଜୀବନେ ମହା ମନ୍ତର।

ବାପା ତୁମେ ମୋର ଚଳନ୍ତି ଈଶ୍ୱର
ସଦା ସହିବାରେ ପାହାଡ଼ ପରି,
ସମାନତା ଗୁଣ ଧୈର୍ଯ୍ୟରେ ନିପୁଣ
ଶିଖାଇଛ ତୁମେ ସୂରୁଜ ପରି।

ଆକାଶ ପରି ବିଶାଳ ମନ
ସାଗରଠୁ ତୁମ ସ୍ନେହ ଗଭୀର
ତୁମ ଆଶୀଷରେ ଆମେ ସୁଖଲଭୁ
ତୁମେ ଶାନ୍ତି, ସନ୍ତୋଷର ସବୁ ବିଧାନ।

ତୁମରି ହାତରେ ଗଢ଼ା ମୁଁ କଣ୍ଢେଇ
ଲବଣୀପିତୁଳା ତୁମରି କନ୍ୟା,
ଏହିଜନମରେ ତୁମ ଝିଅ ରୂପେ
ଜନମ ଲଭି ମୁଁ ହୋଇଛି ଧନ୍ୟା।

**ସଫା, ଟାଙ୍ଗୀ, କଟକ**

# ବାପା

## ନିରୁପମା ପାଣି

ବାପା ବୋଲି ଯେଉଁ
ଅକ୍ଷର ଦୁଇଟି
ବିରାଟ ଆକାଶଠାରୁ
ବକ୍ଷରେ ତାଙ୍କର
ଅସୀମ ମମତା
କିଏଯେ ଜାଣି ନପାରୁ!!

ସେଯେ ପିଣ୍ଡଦାତା
ଆମ ଜନ୍ମକର୍ତ୍ତା
ଅଂଶ ଆମେ ଯେ ତାଙ୍କର
ହାତ ଧରି ପଥ
ଦେଖାନ୍ତି ଆମକୁ
ତାଙ୍କ ଦୟା ଯେ ଅପାର!!

ମାପି ପାରିନିକେ
ବାପାଙ୍କ ଉଦାର
ଦେଖିନି ବାପାଙ୍କ ଲୁହ
ଜାଣି ବି ପାରିନି
ଏହି ଦୁନିଆଁରେ
ବାପାଟିର ଛାତିକୋହ!!

ସନ୍ତାନ ସ୍ୱାର୍ଥରେ
ଅନ୍ଧ ସବୁ ବାପା
ନିଜକୁ ଭୁଲିଥାଆନ୍ତି
ସଦା ସନ୍ତାନର
ମଙ୍ଗଳ ମନାସୀ
ନିଜକୁ ଜାଳି ଦିଅନ୍ତି!!

କେହି ବାପା କେବେ
ନିଜ ସୁଖ ଲାଗି
ଥରୁଟେ ଚିନ୍ତା କରେନି
ସନ୍ତାନ ତାହାର
ସଦା ହସୁଥାଉ
ବାପାଟି କେବେ ଭୁଲେନି!!

କୋଟି ପ୍ରଣୀପାତ
ବାପାଙ୍କ ଚରଣେ
ଜଣାଏ ଅଧମ ମୁହିଁ
ବେଳ ଅବେଳରେ
କେତେ ଅପମାନ
ସହିଛ ବାପା ମୋ' ପାଇଁ!

ଚାନ୍ଦବାଲି, ଭଦ୍ରକ

# ବାପା

ସୁହଂସ ଭୋଇ

ଜନମ ଦେଇଛି ଜନନୀ ସହିଛି
କଷଣ ଦୁଃଖ ଅପାର
ହାତ ଧରି ଯିଏ ବାଟ ଦେଖେଇଛି
ସିଏ ତ ବାପା ଆମର

ମାଆ ସିନା ଦିଏ ମୁଖରେ ଆହାର
କରି ସେ ଗେଲ ବସର
ବାପା ଖଟି ଆଣେ ସଉଦା ଘରକୁ
ରକତକୁ କରି ନୀର

ମାଆର ହୃଦୟ ଫୁଲ ଅନୁରୂପ
ସଦା ସୁନ୍ଦର କୋମଳ
ଉପରେ କଠିଣ ଭିତରେ ନରମ
ବାପା ନାରିକେଳ ଫଳ

ଅଥଳ ଅଥଳ ନୀରିମଳ ଜଳ
ମାଆ ମମତା ସାଗର
ବାପାଙ୍କ ହୃଦୟ ବିଶାଳ ଆକାଶ
କ୍ଷମା ତହିଁ ଭରପୁର

ମାଆ ମାତୃଭୂମି ସହିତ ସମାନ
ଭରା ସ୍ନେହ ଅନୁରାଗ
ପ୍ରୀତି ନିର୍ଝରିଣୀ ସମ ମନ୍ଦାକିନୀ
ବାପା ଆମ ପାଇଁ ସ୍ୱର୍ଗ

ସାହାସ ଯାହାର ଦୃଢ଼ ମନୋବଳ
ଧୈର୍ଯ୍ୟ ଉଚ୍ଚ ପରବତ
ବାପା ନାମ ଗୋଟି ଅକ୍ଷର ଦୁଇଟି
ପାଦେ ଭକ୍ତି ମଥାନତ

ପହଣ୍ଡି, ବରଗଡ଼

# ବାପା

ଅଖିଳେଶ ମହାପାତ୍ର

ବାପା
ମୋ' ଅତୀତ
ବର୍ତ୍ତମାନ
ଆଉ ଭବିଷ୍ୟତ ।।

ବାପା
ମୋ' ଆୟୁଷ
ତମାମ ଜୀବନର
କୀର୍ତି ଓ ଯଶ ।।

ବାପା
ସକାଳ ସୁରୁଜ
ବୁଣୁଥାନ୍ତି ସଦା
ଆଶିଷ ମୁରୁଜ ।।

ବାପା
ଆମଘର ଛାତ
ସ୍ନେହ ଶ୍ରଦ୍ଧା ମମତାର
ବିରାଟ ଜଗତ ।।

ବାପା
ବରଗଛ ଛାଇ
ତାଙ୍କ ପରି
ଆଉ କିଏ କାହିଁ ??

ବାପା
ପୁଣ୍ୟତୀର୍ଥ
ମୋ' ପାଇଁ
ସେ ଜଗନ୍ନାଥ ।।

ବାପା
ପୁଣ୍ୟ ହିମାଳୟ
ତାଙ୍କ ଲାଗି
ସର୍ବଦା ବିଜୟ ।।

ବାପା
ହର୍ତ୍ତାକର୍ତ୍ତା
ସେ ହିଁ
ଜୀବନ୍ତ ଦେବତା ।।

ଗୋବିନ୍ଦପୁର, ବଡବେରଣା, ଖୋର୍ଦ୍ଧା

# ବାପା



## ରମେଶ ଚନ୍ଦ୍ର ମିଶ୍ର

ସ୍ୱପ୍ନର ଇମାରତ୍ ଗଢେ ବାପା
ଛତୁ ମୁଠାଏରୁ ଗଢିଦିଏ
କଳ୍ପନାର ଭବ୍ୟ ଅଟ୍ଟାଳିକା ....
ବିନ୍ଦୁ ଭିତରେ ସିନ୍ଧୁକୁ
ଦର୍ଶନ କରିବାର ବ୍ୟାକୁଳତା ରଖେ ବୋଲି ତ
ନାଶକରେ ଶତ କୁଜ୍ଝଟିକା।

ସ୍ୱପ୍ନଭୁକ୍ କିନ୍ତୁ ନୁହେଁ କେବେ ସିଏ
ଖୋଜୁଥାଏ ଶାମୁକାରୁ ମୋତି ....
ଦିନ ରାତି ଏକ୍ କରିଦିଏ
ଦୁଇ ଖଣ୍ଡ କାଠି ପରି
ତା'ର ଦୁଇ ଶିରାଳ ହାତରେ
ମାପୁଥାଏ ସ୍ୱପ୍ନଠାରୁ ବାସ୍ତବ ଦୂରତା
ପୁହାଏ ସେ କେତେ କାଳରାତି।

ନିଃଶ୍ୱାସରେ ତା'ର
ଦୋହଲିଯାଏ ସମୁଦ୍ରର ଢେଉ
ଆକାଶର ତାରାମାନେ ଡୁବିଯା'ନ୍ତି
ବାତ୍ୟାଗ୍ରସ୍ତ ଲୁଣିପାଣିରେ ଅଦୃଶ୍ୟ ହୁଅନ୍ତି ....
ଜହ୍ନ ଘରୁ ହସ ଚୋରି କରୁ କରୁ
ଲହୁଲୁହାଣ ହୁଏ ବାପା
ତଥାପି ସେ ପଣ ରଖେ
ତା' ସନ୍ତାନ ପାଇଁ ଉଡାଇବ କେବେ
ବିଜୟର ଜୈତ୍ର ବୈଜୟନ୍ତୀ।

ବାଇଚଢେଇଟିଏ ବାପା
ବାଆ କଲେ ବସା ଦୋହଲୁଥାଏ
ନା ପାଣିକୁ ଡର ନା ପବନକୁ ଡର ....
ସନ୍ତାନମାନଙ୍କ ପାଇଁ
ସୁରକ୍ଷାର ସକଳ କୌଶଳ
ଆପଣେଇବାରେ କାଟିଦିଏ
ତା'ର ସକଳ ସମ୍ବଳ, ମୂଲ୍ୟବାନ କାଳ।

ବାପା ପୁଣି ଲକ୍ଷ୍ମଣଙ୍କ ପୁନଃ ଅବତାର
ଚଉଦ ବର୍ଷ ନୁହେଁ, ଆଜୀବନ ବନବାସୀ,
ବିନିଦ୍ର ଓ ପୂର୍ଣ୍ଣ ନିରାହାର ....
ଆପଣାର ପଣ ଆଉ ଆଶ୍ରିତର ପ୍ରାଣରକ୍ଷା ପାଇଁ
ନିଜ ଜୀବନକୁ ବାଜି ରଖେ
ଆଜୀବନ ବରିନିଏ ନଗ୍ନ ହାହାକାର ।

ବରଗଛଟିଏ ବାପା
ଆଶ୍ରୟର ମଧୁ ଶଙ୍ଖଧ୍ୱନି
କଚ୍ଛପ ଭଳି ସବୁ ବିପଦକୁ ପିଠି ପାତିଦିଏ
ସ୍ୱପ୍ନମୟ ଆଶ୍ୱାସର ଗୁରୁ ମନ୍ତ୍ର ବାଣୀ।

ବାପା ତ ଈଶ୍ୱରଙ୍କ କ୍ଷୁଦ୍ର ସଂସ୍କରଣଟିଏ
ତା' ଛୋଟ ସଂସାରପାଇଁ
ବିଷପାନ କରେ, ନୀଳକଣ୍ଠ ହୁଏ ....
ସକଳ ଐଶ୍ୱର୍ଯ୍ୟରୁ ମୁହଁ ଫେରେଇ
ନିର୍ଜନ ଗିରିକନ୍ଦରକୁ ଆପଣେଇନିଏ
ବାପା, ଈଶ୍ୱରଙ୍କ କ୍ଷୁଦ୍ର ସଂସ୍କରଣଟିଏ ।

ତାପସ କୁଟୀର, ବଇଣ୍ଡା, ଅନୁଗୋଳ

# ସୃଷ୍ଟିର ଷଠିଘର : ବାପା

**ସୁକାନ୍ତି ମିଶ୍ର**



ତୁମ କାନ୍ଧେ ଥିଲେ ମଇଳା ଗାମୁଛା
ଦେଖି ଡରେ ଖରାତାତି
ପୋଷପୋଷ ତୁମ ଆୟୁଷ ବଦଳେ
ମୋ' ଆୟୁଷ ଆୟୁଷ୍ମତୀ
ଅଳି ଯେତେ ମୋ'ର ଖୁସିରେ ପିନ୍ଧିଛ
ମଥାରେ ତିଳକ କରି
ତୁମେ ମୋ' ସୃଷ୍ଟିର ଷଠିଘର ବାପା
ଆଉ କିଏ ତୁମପରି ... (୦)

ଶିରାଳ ହାତ ଯା' ସରାଗେ ଲେଖିଛି
ମୋ' ଭାଗ୍ୟର ସୂଚୀପତ୍ର
ଲୁହକୁ ଲୁଚେଇ ଶିଖେଇଛ ମତେ
ଜିଇବାର ମହାମନ୍ତ୍ର
ପୂଜିକି ପାରିବି ତୁମକୁ ମୁଁ ଅବା
କେଉଁ ମନ୍ତ୍ର ଜପକରି...!!
ତୁମେ ମୋ' ସୃଷ୍ଟିର ... (୧)

ବୁନ୍ଦାବୁନ୍ଦା ଝାଳ ଗଉଣୀରେ ମାପି
କିଣି ଦେଇଛ ମୋ' ସୁଖ
କେଉଁ ଅଧିବାସ ଜଳରେ ମୁଁ ତୁମ
କରିବି ବା ଅଭିଷେକ
ଅକାଳେ ଝରିଛ ଆମପାଇଁ ତୁମେ
ଦିନରାତି ଏକାକରି...!!
ତୁମେ ମୋ' ସୃଷ୍ଟିର ... (୨)

**ସାରସ୍ୱତନଗର, ସିଦ୍ଧମହାବୀର, ପୁରୀ**

# ବାପା

## ବେଣୁଧର ସୂତାର



ଲକ୍ଷ୍ୟ ସାଧନେ ବକ୍ଷ ରକତେ
ମମତାର ମଧୁ ଢାଳିଦେଇ
ଶାନ୍ତି ମନ୍ତ୍ରର ଜୈତ୍ର ଝଙ୍କାରେ
ମହା ପୃଥିବୀର ଭାର ବୋହି।।

ଜୀବନ ସଂଗ୍ରାମ କପଟ ପଶାରେ
ନୀଳକଣ୍ଠ ହୋଇ ବିଷ ପିଇ
ଅଧରେ ତୁମର ଅମଉଳା ହସେ
ସାଜିଅଛ ବାପା ମୃତ୍ୟୁଞ୍ଜୟୀ।।

ଜୀବନ ମରୁର ନୀଳତୃଷ୍ଣା ତୀରେ
ସାତ ସାଗରର ସପନ ବୁଣି
ଦୃଢ ସଂକଳ୍ପର ଦମ୍ଭିଲା ଛାତିରେ
ବାହିଛ  ଜୀବନ ପୁଣ୍ୟ ତରଣୀ।।

ତୁମରି ମହତ ପଣ ଆଢୁଆଳେ
ଜୀବନେ ଭରିଛ ଆତ୍ମ ପ୍ରତ୍ୟୟ
ତୁମ ଅନୁରାଗ ଶୀତଳ ପରଶ
ଭିଜାଇଛି ମନ ପ୍ରାଣ ହୃଦୟ।।

ତୁମେ ଭରସାର  ନିର୍ବିକଳ୍ପ ରୂପ
ଆକାଶଠୁ ବଡ ଆହୁରି ବଡ
ସାଗରଠୁ ଗୁରୁ ଗମ୍ଭୀର ତୁମେ
ଅସୀମ ଧୈର୍ଯ୍ୟର ସ୍ଥିର ପାହାଡ଼।।

ବଡଦାଣ୍ଡ ପରି ହୃଦୟ ତୁମର
ଅପରାଜିତ ସେ ଅବିଚଳିତ
ବାପା ଶ୍ରୀମନ୍ଦିର ବଡଦିଅଁ ତୁମେ
ହସ୍ତ ନୀଳଚକ୍ର ପାବନ ନେତ।।

ଭଙ୍ଗା ଅସଜଡା ଜୀବନ ପଥକୁ
ସଜାଡି ଦେଇଛ ଶୃଙ୍ଖଳା ବୋଧେ
ତୁମରି ଆଦର୍ଶ ଶୁଦ୍ଧ ଚେତନାରେ
ପରିପ୍ଳୁତ ପ୍ରାଣ ଭାବ ଗଦ୍ ଗଦେ।।

ଜୀବନ ଯଜ୍ଞର ଶେଷ ଆହୂତିରେ
ଛାଡି ଗଲ ଭବ ମାୟାସଂସାର
ତୁମରି ଅବର୍ତ୍ତମାନରେ ଜୀବନେ
ସାଜିଛି ଦୁଃଖର ମହା ସାଗର।।

ବାସ୍ତବ ସତ୍ୟର ନିଷ୍ଠୁର ପରଶେ
ନିର୍ବାଣେ ଲଭିଛ ସରଗେ ସ୍ଥାନ
ମୟାମର୍ତ୍ତ୍ୟେ ଥାଇ ଅର୍ପୁଅଛି ବାପା
ଅଶ୍ରୁ ତର୍ପଣେ ମୋ ଭକ୍ତି ସୁମନ ।।

କେଶଦୁରାପାଳ  କେନ୍ଦୁଝର



# ବାପା

**ରବିନାରାୟଣ ମଙ୍ଗରାଜ**

ଧୁ ଧୁ ଖରା
ସତେ ଯେମିତି ପୃଥିବୀଟା ଜଳୁଛି
ଆଗରେ ଅନେକ ସ୍ୱପ୍ନର ଇଲାକା
ସମୟ ପାଦ ଚଳଚଞ୍ଚଳ
କେତେବେଳୁ ବାଟ ଭାଙ୍ଗି ଚାଲିଗଲାଣି
ଆଗରେ ସେଇ ମେଘନାଦ ପ୍ରାଚୀର
ଉଚ୍ଚ ଫାଟକଟା ମୁଣ୍ଡ ଟେକିଛି ଆକାଶକୁ
ଅନେକ କର ସ୍ପର୍ଶର ଅଙ୍ଗୁଳି ଛାପ
ଅମ୍ଳାନ ସ୍ମୃତି ଗୁଡ଼ିକ ଚଳଚ୍ଚିତ୍ର ଭଳି
ଦୃଶ୍ୟ ପରେ ଦୃଶ୍ୟ ପାଖେଇ ଯାଉଛି
ଅଲକ୍ଷ୍ୟରେ ହାତଟା ଟାଣି ହୋଇଗଲା
ଚମକି ପଡିଥିଲି...
ପୁରୁଣା ଠିକଣା ପାଖରେ —।।

ଝରି ଆସିଥିଲା ଦୁଇଧାର ଲୋତକ
ସେଇ ଅସୁମାରୀ ସ୍ୱପ୍ନର ସହର
କୋଠରି ନମ୍ବର ବାଇଶି
ବ୍ୟାଗଟା ଥୋଇ କବାଟ ଖଟ୍ ଖଟ୍
ଧୀରେ ଖୋଲୁଥିଲା ଝାଉଁଳି କବାଟ
ମଥାନତ ପାଦଛୁଆଁ ପ୍ରଣାମ
ଦୂରେଇ ଯାଉଥିଲା ପାଦଚଲା କଷ୍ଟ
ଅନେକ ଆଶା ଭରସାର
ଦୀପଶିଖା ଦୀପଟି
ଦେଇଥିଲା ସୁନ୍ଦର ଆଲୋକ
ଛନ୍ଦି ହୋଇଗଲା ପାଠର ପୁତୁଳି ଭିତରେ
ବଡ଼ ହାକିମର ସାମିଆନା ତଳେ
ଏକ ଜିଲ୍ଲାପାଳର କବଚ ହାତରେ—-।।

ସେଦିନର ପାଦଚଲା
ପୁତୁଳି ଧରା ମଣିଷଟା
ଫାଟକ ବାହାରେ ଚପରାଶି ତାଗିଦ୍ ଭିତରେ
ବଦଳି ଗଲା ସାକ୍ଷାତ ସମୟ
ଫେରି ଆସିଥିଲା ଅସହାୟ ପାଦ ଦୁଇଟା
ଆଗରେ ବୃଦ୍ଧାଶ୍ରମର ଫାଟକ ଉନ୍ମୁକ୍ତ
ପଚାରିଥିଲା ପରିଚୟ
ଫାଟକର ଜଗୁଆଳ
କଣ୍ଠ ହୋଇଥିଲା ବାଷ୍ପରୁଦ୍ଧ
ତଥାପି ଦେଇଥିଲି ସେଦିନର ପରିଚୟ
ଆରେ ମୁଁ ପରା ଜଣେ 'ବାପା'
ଧୀରେ ଧୀରେ ବନ୍ଦ ହୋଇଥିଲା
ବୃଦ୍ଧାଶ୍ରମ ଲୌହ ଫାଟକ——।।

**ବୈଦ୍ୟେଶ୍ୱର, ବାଙ୍କୀ, କଟକ**

# ବାପା

## ଆରାଧନା ଦାଶ



ଚଳନ୍ତି ଦେବତା ତୁମେ
ଆମ ଜନ୍ମଦାତା
ତୁମେ ଧର୍ମ ତୁମେ ସ୍ୱର୍ଗ
ପାଳନ କରତା।

ଉପର କଠୋର ତୁମ
ହୃଦୟ କୋମଳ
ଉପରଟା ଟାଣ ତୁମ
ଯେସନେ ଶ୍ରୀଫଳ।

ତୁମେ ହିଁ କରମ ମୋ'ର,
ଏହି ମୋ' ଜୀବନ
ଦେଖିନାହିଁ ଦେବତା ମୁଁ
ତୁମରି ସମାନ।

ଦୁଃଖେ ଥିଲେ ଜାଣିପାରି
ପ୍ରବୋଧନା ଦିଅ
ପ୍ରେରଣା ଯୋଗାଇ ମନେ
ଶାନ୍ତି ଭରିଦିଅ।

ଭାଙ୍ଗିଥିଲେ ଗଢିବାର
ଦେଇ ପ୍ରତିଶ୍ରୁତି
ଓଠେ ଖୁସି ଭରିଦିଅ
ମନେ ଭରେ ଶାନ୍ତି।

ଧୈର୍ଯ୍ୟର ପାହାଡ଼ ତୁମେ
ଭାରି ସ୍ୱାଭିମାନୀ
ଛାତିରେ ଛାତିଏ ଧୈର୍ଯ୍ୟ
ଟିକେ ଅଭିମାନୀ।

କାହାଠୁ ଚାହିଁନାହଁ
ଦିନେ ହେଲେ କିଛି
ପାଇବା ଇଚ୍ଛା ନଥାଏ
କାହାଠାରୁ କିଛି ।

ମନେମନେ ଖୁସି ହୁଅ
ଦେଖି ସଫଳତା
କୁହନାହିଁ ଦୁଃଖ କେବେ
ଭାଙ୍ଗି ନୀରବତା।

ତୁମେ ଥିଲ ଆଦ୍ୟଗୁରୁ
ଜୀବନେ ଆମର,
ଯାହାବି ହୋଇଛୁ ଆମେ
ଦାନ ଯେ ତୁମର।

ତୁମ ହାତ ଆମ ମୁଣ୍ଡେ
ସଦା ରହିଥାଉ,
ଆଶିଷ ତୁମର ଲଭି
ଏ ଜୀବନ ଯାଉ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

# ବାପା

ଶୁଭଶ୍ରୀ ରାଉତ

ଶବ୍ଦ କାହିଁ
ବର୍ଣ୍ଣନା କରିବି
ତୁମ ନିର୍ବିକାର ସତ୍ତାକୁ
କେଉଁ ଭାବରେ ଭିଜାଇବି ତୁମ
ଛଳଛଳ ସ୍ନେହର ସ୍ପର୍ଶକୁ।
ଭୂମିରୁ ଭୂମା,ଅନ୍ତରରୁ ଅନ୍ତରୀକ୍ଷ ଯାଏଁ
ବିସ୍ତୃତ ଏଇ ଦୁଇଟି ଅକ୍ଷର : ବାପା।

ବାପା!
ତୁମ ପାଇଁ ଶବ୍ଦ ନିଅଣ୍ଟ
ମୋ' ଅଭିଧାନ ତୁମ ପାଇଁ ନିଃଶବ୍ଦ
ତୁମପାଇଁ ବିକଳ୍ପ ଶବ୍ଦ ବୋଧେ
କେଉଁଠି ନାହିଁ.....
କଲମ ଖସି ପଡୁଛି
ଦୁଇଟି ବିଶାଳ ଶବ୍ଦ ଲେଖିବାକୁ।
ଦେଖୁଛ ତ......
ତୁମ ବିନା କେତେ ଅସହାୟ ମୁଁ।

ତୁମ ଆଉ ଈଶ୍ୱରଙ୍କ ଭିତରେ
କିଛି ଫରକ୍ ନାହିଁ ତ
ତୁମେ କ'ଣ ଈଶ୍ୱରଙ୍କ ବି ବାପା?

ହଁ, ଈଶ୍ୱର ଯେମିତି ଅବର୍ଣ୍ଣନୀୟ
ତୁମେ ବି ସେମିତି ଏକ ମହାଦ୍ରୁମ
ଏକ ସୁରକ୍ଷାର ଢାଲ
ଏକ ଅନନ୍ୟ ଅବତାର।

ବାପା!
ଯିଏ ଆକାଶର ଆଲିଙ୍ଗନ ମୁଦ୍ରାରେ
ମେଲାଇ ଦିଅନ୍ତି
ପ୍ରଶସ୍ତ ବାହୁ,
ବିଶି ଆଙ୍ଗୁଠି ଧରି
ବାଟ କଢ଼େଇ ନିଅନ୍ତି ଆମକୁ।

ବାପା!
ତୁମେ ଛାତଟିଏ ଆମ ଚାଳ ଘରର
ମେରି ଖୁଣ୍ଟିଟିଏ ଆମ ଶିରୀ ମନ୍ଦିରର,
ଓକ୍ ଗଛର ଆୟୁଷ ନେଇ
ତୁମେ ରହିଥାଅ ଆମ ପାଇଁ
ତୁମ ଆଶୀର୍ବାଦର ହାତ ରଖିଥାଅ
ଆମ ମୁଣ୍ଡ ଉପରେ ବାପା!!!

ଅମରାବତୀ ପୁର
ଚାରିବାଟିଆ, କଟକ

# ବାପାଙ୍କ ପାଦ

ଡ. ସୁଚିତ୍ରା ରଥ

ହଲେ ଶୂନ୍ୟ ପାଦର ଭାରକୁ
ବୋହିବୋହି ଛାତିରେ
ମୁଁ ଗଲିଣି ଦୁଇପାଦ ଆଗେଇ
ସମୟ ଛାଟରେ ସେଦିନ
ମୁଁ ଆଉଁସୁଥିଲି ତାକୁ
ଉଷୁମ ଲୁହର ଲେପ ଦେଇ
କାଳେ ପୁଣି ସଞ୍ଚରିଯିବ
ସବୁଜିମା ଶୁଖିଲା ଗଡରେ।

ଯାହା ଦିନେ ପାଦ ନୁହେଁ ଥିଲା ପାଦପ
ଅରାଏ ଛାଇ, ଆକାଶେ ଦମ୍ଭ
ଚୈତ୍ରର ସମ୍ଭାର
ମୋ' ସ୍ୱପ୍ନଙ୍କର କଳ୍ପବଟ
ମୋ' ଅନନ୍ୟ ଈଶ୍ୱର
ସେ ତ ପାଦ ନୁହେଁ ପୂର୍ଣ୍ଣକୁମ୍ଭ
ମୋ' ପ୍ରତିଟି ଅନୁକୂଳର।

ସେଇ ପାଦ ଦିନେ
ଅଚିରେ ଓହ୍ଲାଉଥିଲା ନିଆଁକୁ
ଭିଜୁଥିଲା ବର୍ଷାରେ
ସିଝୁଥିଲା ଜ୍ୟୈଷ୍ଠରେ
ଉମ୍ଳେଇ ସାଜୁଥିଲା ଶୀତରେ
କଣ୍ଟା ଆଉ ଫୁଲକୁ ସମତୁଲ କରି
ତିଆରୁ ଥିଲା ବାଟ ମୋ' ପାଇଁ
ପଥୁରିଆ ପାଦଚିହ୍ନ ଦେଇ।

ଆହୁରି ନିବିଡ଼ କରି ଧରୁଥିଲି
ଶେଷଥର ପାଇଁ ସେ ପାଦଙ୍କୁ
ଯାହା ପାଉଁଶ ହେବା ଆଗରୁ
ପାଲଟିଛି ଅରୁଣଖମ୍ବ ମୋ' ସିଂହଦ୍ୱାରର
ଶିଖାଇଛି ବି କଳା,
କାହା ଲାଗି ହଲେ ସାର୍ଥକ ପାଦ ହେବାର।

ଇଥରରୁ ଅହରହ ଶୁଭୁଛି
ସେଇ ପାଦର ପଇଁତରା
ମୋ' ଚାରିପାଖେ
ଅସହାୟ ଆଖି ମୋର
ତାରାଙ୍କ ମେଳରୁ ସାଉଁଟି ନେଉଛି
ପ୍ରିୟ ପାଦ ହଲେ କେବଳ।

ନୀଳଚକ୍ର ନଗର, ପୁରୀ



# ମୋ' ବାପା ଈଶ୍ୱର

**ସତ୍ୟ ନାରାୟଣ ମଲ୍ଲିକ**

ବାପା ତୁମେ ମୋର ଚଳନ୍ତି ଈଶ୍ୱର
ଝାଟିମାଟି ଚାଳଘରେ
ତୁମ ପାଦଧୂଳି ଶରଧାର ବାଲି
ତିଳକ ମୋ'ର ମଥାରେ ||

ଏ ମାଟି ଆକାଶ ମନ୍ଦିରର ଦିଅଁ
ତୁମଠାରୁ ବଡ଼ ନୁହେଁ
ହୃଦୟ ତୁମର ବିଶାଳ ସାଗର
ମନ ତୁମ ଫୁଲ ଟିଏ ||

ଝାଳ ପୋଛା ତୁମ ଦେହର ଗାମୁଛା
ଠାକୁରଙ୍କ ଲୁଗା ପରି
ତୁମେ ମଧୁଝରା କଳ୍ପବଟ ଛାଇ
ମହକ ପଡଇ ଝରି ||

ତୁମ ହାତ ଧରି ଶିଖିଛି ମୁଁ ଚାଲି
ତୁମେ ଆଲୁଅର ପଥ
ତୁମେ ପରିଭାଷା ଅତୁଟ ବିଶ୍ୱାସ
ଆଶା ଭରସାର ଛାତ ||

ଲୁହା ପରି ତୁମ ପଥର ଛାତିରେ
ଦୁଃଖର ପାହାଡ଼ ଭିଡ଼
ମଥା ପାତିଦିଏ ଯେତେ ବହୁଥାଏ
ଲୁହର ଲହୁର ଝଡ଼ ||

ତୁରିନ୍ତିରା, ବାଲିପାଟଣା, ଖୋର୍ଦ୍ଧା

# ବାପା

**ହାସ୍ୟମୟୀ ରାଜ୍**



ବାପା!
ତୁମେ ଆଜି ନାହଁ
ହେଲେ ଏମିତି ତ ଦିନ ନାହିଁ
ଯେଉଁ ଦିନ ତୁମ ଛବି ଆଙ୍କି ନାହିଁ
ହୃଦୟ କାନଭାସରେ
ଯିଏ ବାରମ୍ବାର ଭିଜୁଥାଏ
ଅମାନିଆ ଆଖିର ଲୁହରେ।

କେବେ ଶୂନଶାନ୍ ନିସ୍ତବ୍ଧରେ
କେବେ ଶୂନ୍ୟତାର ନିବିଡ ଆଶ୍ଳେଷରେ
ଯଦି କାହା ମୁହଁ ପ୍ରଥମେ ଦେଖେ
ସେ ତ ତୁମେ
ହୃଦୟରେ ବିରାଜିତ ସଦା
ଦ୍ୱିତୀୟ ଈଶ୍ୱର ରୂପରେ।

ନୟନ ଅଶ୍ରୁରେ
ଅବା ହସର ଉଚ୍ଛୁଳା ସୁଅରେ
ଦୁଃଖର କଳା ବାଦଲରେ
ଅବା ସୁଖର ଉତ୍ତାଳ ଢେଉରେ
ଛାଇ ହୋଇ ରହିଥାଅ ତୁମେ
ଅଦୃଷ୍ଟ ଭାବରେ।

ଦୁଃଖରୁ ବିନ୍ଦୁଏ ବି
କେବେ ଦେବାକୁ ଚାହିଁନି ତୁମକୁ
ହେଲେ ବହୁତ ଖୁସି ହେଇ ଥାଆନ୍ତି ବାପା
ମୋ'ର ସବୁତକ ପୁଣ୍ୟ ବଦଳରେ
ଆଉ କିଛି ପୁଣ୍ୟ ମୁହୂର୍ତ୍ତ
ଯଦି ଯୋଡି ପାରିଥା'ନ୍ତି
ତୁମ ଆୟୁଷରେ।।

**ଓରାଳି, ହାଟଡିହି, କେନ୍ଦୁଝର**

# ମୋ' ନନାଙ୍କ ନନା (ବାପା)

ବିଭୁପ୍ରସାଦ ମହାପାତ୍ର

ତୁମ ପାଇଁ ମୋ' ସାହିତ୍ୟ
ମୋ' ସଂସ୍କୃତି ପ୍ରୀତି
ନହେଲେ ମୁଁ ନରାଧମ
ଅତି ଛାର ମତି।

ଶିଖାଇଲ କେତେ ଶ୍ଳୋକ
କେତେ ଯେ କବିତା
କୋଳ କରି ଶୁଣାଇଲ
ନାନା କାବ୍ୟ ଗାଥା ।

'ଆଚାର୍ଯ୍ୟ ପାଦମାଦଦ୍ଭେ'
କହୁଥିଲ ତୁମେ
ଅଧା ପଢାଇ ସେ ପାଠ
ଗଲ କେଉଁ ଧାମେ?

ଦରସିଝା ମଣିଷ ମୁଁ
ଯେ ଖର୍ବ ପୁରୁଷ
ଦୋଳାୟମାନ ହୋଇଚି
ତ୍ରିଶଂକୁ ସଦୃଶ।

ତୁମ ପରିଚୟେ ଆମେ
ହେଉ ପରିଚିତ
ତୁମେ ଆମ ମୂଳାଧାର
ମିଥ୍ୟା ନୁହଇ ତ।

ତବ ଆବର୍ତ୍ତମାନରେ
ହେଲୁ ହା ହୁତାଶ
ସଦଗୁଣ ବିକାଶ ହେଉ
ଦିଅ ଯେ ଆଶିଷ।

ଭୋଗଡା, ବାଘମାରୀ, ଖୋର୍ଦ୍ଧା



# ସିଏ ମୋ'ର ବାପା

**ଜୟଶ୍ରୀ ପଟ୍ଟନାୟକ**

ଅବଧାନଙ୍କ ଠାରୁ ଶିଖିଥିଲି ଦିନେ
'ଆକାଶଠାରୁ ବଡ଼ ବାପା, ପୃଥିବୀଠୁ ଗରୀୟସୀ ମାଆ'
'ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ପରମ ତପ'
ଶିଖିଗଲି ଧୀରେ
ଯାହା ହାତ ଧରି ଶିଖିଲି ଚାଲିବା
ହାତରେ ହାତ ଦେଇ ଖଡ଼ି ସିଲଟ ପାଠ
ଯାହା ପିଠିରେ ନାଉ ହୋଇ ଦୁନିଆ ଦେଖିଲି
ହସ୍ତାକ୍ଷର, କଲମରେ କାଳି ଭରି
ଶିଖିଗଲି ବାପା ବିଷୟରେ ରଚନା ଲେଖିବା।

ଦିନେ ଅବଧାନ ପଚାରିଲେ ଯେବେ ବାପାଙ୍କ ପରିଚୟ
ଗାଇଦେଲି ଅନର୍ଗଳ ନ ରୋକି ନିଃଶ୍ୱାସ
ଯିଏ ମୋ ନିରିମାଖୀ ପିଲାଦିନର ଏକଇ ଦେବତା
ଯାହାଙ୍କ ପରିଚୟରେ
ଏ ଦୁନିଆ ମୋତେ କହୁଥିଲା ଅମୁକଙ୍କ ଝିଅ
ଯିଏ ଆମ ଘରର ଦମ୍ଭିଲା କବାଟ
ଆମ ଜୀବନର ଶକ୍ତ ମେରୁଦଣ୍ଡ
ଯିଏ ପାଖରେ ଥିଲେ ଛାତିରେ ଥାଏ ଛାତିଏ ବଳ
ସିଏ ମୋର ବାପା।

ଯିଏ ଶିଖାଇଥିଲେ ଆତ୍ମବିଶ୍ୱାସ
ମନରେ ଧର୍ଯ୍ୟ ରଖି ଚଢ଼ିବାକୁ ବୟସର ପାହାଚ
ମାଗୁଥିଲେ ଯାହା ପୂରଣ କରୁଥିଲେ ଆଶା
ସିଏ ମୋର ବାପା ମୋ ଜନ୍ମଦାତା।

ଯା ନାମର ସୂର୍ଯ୍ୟ ଉଦୟ ହେଲେ
ମୁଁ ସୁନାଫୁଲ ପରି ଝଟକେ
ଯା ଜୀବନର ଅସ୍ତ ହେଇଗଲା ପରେ
ନିଜ ପରିଚୟ ଖୋଜେ, ସିଏ ମୋର ବାପା।

ଦିନେ ବାଷ୍ପୀୟ ଶକଟ ଚଳାଉ ଚଳାଉ
ବୁଝାଇ ଦେଇଥିଲେ ଦେଖ ଝିଅ
ଗାଡି ପରି ଚାଲୁଥାଏ ଜନ୍ମଠାରୁ ମରଣର ଯାତ୍ରା
ଶେଷ ନିଃଶ୍ୱାସଖିର ରହଣି ଆସିବା ଯାଏଁ
ଏମିତି ଚାଲୁଥିବୁ, ଥକି କେବେ ପଡ଼ିବୁନି
ଆସୁ ଯେତେ କଣ୍ଟା ଝଂଟା, ବାଧା ଆଉ ବିଘ୍ନ
ଓଠେ ଟିକେ ହସିଦେଇ ସବୁ ପାରି ହୋଇଯିବୁ
ସିଏ ମୋର ବାପା।

ଯିଏ ଦିନେ ଚାଲୁ ଚାଲୁ ଥକି ପଡ଼ିଥିଲେ
କ୍ଳାନ୍ତ ଅବଶ ଶରୀରକୁ ଲୋଟାଇ ଦେଇଥିଲେ
ବାତ୍ୟାରେ ଭୂଶାୟୀ ବିଶାଳ ବୃକ୍ଷ ପରି
ଶୋଇ ଯାଇଥିଲେ ଚିର ନିଦ୍ରାରେ
ସ୍ୱର୍ଗଦ୍ୱାରର ଶେଷ ଠିକଣାରେ
ଯାହା ଆଖିର ସପନରେ ନିଜକୁ ଗଢୁଗଢୁ
ହାତରୁ ହାତ ଛାଡ଼ିଦେଲେ ଦୁନିଆ ଦାଣ୍ଡରେ
ସିଏ ମୋ'ର ବାପା ମୋ' ଜନ୍ମଦାତା
ମୋ' ଜୀବନର ହର୍ତ୍ତା କର୍ତ୍ତା
ଦିବ୍ୟପଥର ଏକଇ ଦେବତା
ସିଏ ମୋର ବାପା।

**ଗଙ୍ଗନଗର ଛକ**
**ଆକ୍ସିସ ବ୍ୟାଙ୍କ ଏ ଟି ଏମ କ୍ୟାମ୍ପସ, ଭୁବନେଶ୍ୱର**

# ବାପା ହେବାର ଯୋଗ୍ୟତା

**ଯମେଶ୍ୱର କହଲସିଂହ**



କଲେଜ ଜୀବନ ପରେ
ବୟସର ବସନ୍ତରେ
ମନଲାଖି ଝିଅଟିଏ ବାହାହେଲି
ଜୀବନର ସାଥୀଟିଏ ଘରକୁ ଆଣିଲି.....
ସପନ ସାର୍ଥକ ହେଲା
ଯେଉଁଦିନ ବାପା ହୋଇଗଲି.....
ପୁତ୍ର, କନ୍ୟା, ପତ୍ନୀ ଗହଣରେ
ନୂଆ କିଛି ଅନୁଭବ କଲି.....।

ବଢ଼ିଲା ବୟସ...........
ପୁଅ, ଝିଅ ଖୋଜନ୍ତି ଅୟସ.......
ଉଡ଼ିବାକୁ ଇଚ୍ଛା ତାଙ୍କ
ଅରଣ୍ୟ ଆକାଶ.........।

ଝିଅ ଖୋଜେ ନୂଆନୂଆ ଦାମୀ ଡ୍ରେସ୍
ଲ୍ୟାପଟପ୍, ସ୍କୁଟି, କସମେଟିକ୍ସ
ଉଷାରୁ ଉଷସୀ ଯାଏ
କରିବାକୁ ଫୂର୍ତ୍ତି........
ପୁଅ ଚାହେଁ ଆବଶ୍ୟକତାଠୁ ବେଶୀ
ପୁଳାପୁଳା ଟଙ୍କା, ସୁନାଚେନ୍.......
ମନଛୁଆଁ ମୋବାଇଲ୍ ଫୋନ୍......
ଯାହା ତା'ର ନିଜସ୍ୱ ଷ୍ଟାଇଲ୍......।

ସେମାନଙ୍କ ବରାଦରୁ କିଛି କମିଗଲେ
ମାତାଶ୍ରୀଙ୍କୁ ସାକ୍ଷୀ ରଖି
ଘରେ ଯାହା ଠିଆପାଲା ଚାଲେ.....
ମୁରବୀପଣିଆ ମୋ'ର ଅଦିନେ ମଉଳେ.....।

ଅଭିଯୋଗ ହଳାହଳ
ସବୁ ପାନକଲି..........
ସ୍ୱଇଚ୍ଛାରେ ନୀଳକଣ୍ଠ ହେଲି.......
ମନଦୁଃଖ ମନେ ମାରି
ନିଜକୁ ମୁଁ କହିଲି ଅଗତ୍ୟା......,
କେହି ବୁଝିପାରନ୍ତିନି
ବାପା ମନ ତୋଫା ଜହ୍ନ
କେହି ଦେଖିପାରନ୍ତିନି
ବାପାର ଯୋଗ୍ୟତା........।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା



# ବାପା

## ତ୍ରିଲୋଚନ ଦାସ

ତୁମେ ମୋ' ଆକାଶ
ତୁମେ ମୋ' ପୃଥ୍ୱୀ
ତୁମେ ବାୟୁ ଜଳ ସ୍ଥଳ
ତୁମେ ମୋ' ବିଶ୍ୱାସ ସ୍ପନ୍ଦିତ ଉଚ୍ଛ୍ୱାସ
ଧମନୀରେ ରକ୍ତଧାର ।।୦।।

ହାତ ଧରି ବାଟ ଚାଲିବା ଶିଖେଇ
ପରିଚ୍ୟ ଦେଲ ମୋତେ
ସବୁରି ଭିତରେ ହେବାପାଇଁ ଜଣେ
ଉତ୍ସାହ ଭରିଛ କେତେ
ତୁମେ ମୋର କର୍ମ
ତୁମେ ହିଁ ତ ଧର୍ମ
ତୁମେ ବି ତପସ୍ୟା ମୋ'ର
ତୁମେ ମୋ' ଆକାଶ
ତୁମେ ମୋ' ପୃଥ୍ୱୀ
ତୁମେ ବାୟୁ ଜଳ ସ୍ଥଳ ।।୧।।

ଅନୁଶାସନରେ ଗଢ଼ିଅଛ ତୁମେ
ସତ୍ୟ ପଥ ଅନୁସରି
ଜୀବନରେ ମୋ'ର ପ୍ରତି
ପାଖୁଡାରେ
ଦେଇଛ ମହକ ଭରି
ତୁମେ ମୋ' ସାହସ
ତୁମେ ମୋ' ପ୍ରେରଣା
ଚଳନ୍ତି ଠାକୁର ମୋ'ର
ତୁମେ ମୋ' ଆକାଶ
ତୁମେ ମୋ' ପୃଥ୍ୱୀ
ତୁମେ ବାୟୁ ଜଳ ସ୍ଥଳ ।।୨।।

**ମୈତ୍ରୀବିହାର,**
**ଭୂମିକା ଚକ୍ଷୁ ଚିକିତ୍ସାଳୟ ପଛ, ଖୋର୍ଦ୍ଧା**



# ବାପା

**ଜବାହରଲାଲ ସୁବୁଦ୍ଧି**

ବାପା ବୋଲି ଯେଉଁ ଦୁଇଟି ଅକ୍ଷର
ସୃଷ୍ଟିର ଆଦିମ କାଳୁ,
'ବା' ରୁ ପବନ 'ପା' ରୁ ପାଣି
ରକ୍ଷାକରେ ପିଲାବେଳୁ (୧)
ବାପା ଦାରୁ ବ୍ରହ୍ମ ହଳଦିଆ ପତ୍ର
ସବୁଜ ହୁଅନ୍ତି ନାହିଁ
ଗଙ୍ଗ ଶିଉଳିର ଫୁଲଭଳି ଫୁଟି
ସକାଳୁ ଗଛରେ ନାହିଁ (୨)
ଘରେ ଥିଲେ ବାପା ଡରେନା କାହାକୁ
ବୋଉ ଚୁପ ଚୁପ କହେ
ଦୁଷ୍ଟ ହୁଅନାରେ ବାପାଛନ୍ତି ଘରେ
ଶାନ୍ତ ଶିଷ୍ଟ ରହିଥାରେ (୩)
ପିଲାବେଳେ ମୋତେ 'ଜହ୍ନ'କୁ ଦେଖାଇ
କହୁଥିଲେ କେତେ କଥା
ବଡ ହେଲା ପରେ ଚୁପ ହେଇଗଲ
କହୁନାହଁ ପଦେ କଥା (୪)
ତୁମେ ଗଲା ପରେ ଏବେ ମୁଁ ଝୁରୁଛି
ତୁମରି ପାରିବା ପଣ
ମୋ ପୁଅ ଝିଅଙ୍କୁ ଆଶୀଷ ଦିଅ ହେ
ବୁଝି ଯାଉ ତାଙ୍କ ମନ (୫)

**ବଡତୋଟା, ଜଟଣୀ**
**ଖୋର୍ଦ୍ଧା**



# ବରଗଛ

**ପୂର୍ଣ୍ଣ ଦାସ**

ତମେ ସେହି ବରଗଛ,
ମୁଁ ଯାହାର
ଛିନ୍ନପତ୍ରଟିଏ
ପବନର ପୀଡ଼ା ସହି
ଏଣେତେଣେ ଖଣ୍ଡିଉଡ଼ା ଦିଏ ।

ତଥାପି ଲାଗେନି ଡର,
ତଳେ ମାଟି
ଉପରେ ଆକାଶ
ମଥାରେ ମୋ' ତମ ହାତ
ବଞ୍ଚିବାର ଅସୀମ ବିଶ୍ୱାସ ।

**କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର**



# ବାପା, ଜୀବନ ପଣ


ଆଶୁତୋଷ ମେହେର

ନୀଳ ଆକାଶର ସାମିଆନା ଡେଇଁ
ଉପରେ ସେ ଯେଉଁ ଛାତ,
ଅଭୟ ଆଶୀଷ ଛାଇ ଢାଳି ଥାଏ
ବାପାଙ୍କ ବଳିଆ ହାତ......||୦||

ନିଃସହାୟ ମନ ରାହା ଭୁଲିଯାଏ
ପଥବଣା ଅଦିନରେ,
ଅନ୍ଧାର ଆକାଶେ ଆଲୁଅର ଧାର
ସେଇ ହାତ ଏକା ଭରେ,
ସମୟ ନଈରେ ସାହାସୀ ନାଉରୀ
ଜୀବନ ନାଆର କାତ ......||୧||

ଦୁଃଖ ଦରଜରେ ଉପସମ ସିଏ
ମନରେ ଶୀତଳ ଭାବ,
ତା' ହାତ ପରଶ ଅମୃତ ମଣୋହି
ପାରିଜାତ ଅନୁଭବ,
ବାପା ନାମେ ଖୁନ୍ଦା ଜନମ ଜନମ
ଜୀବନ ପଣର ସତ........||୨||

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ , ଭୁବନେଶ୍ୱର



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା




ଡ. ରଶ୍ମିରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ